■ ଭାଲେରୀ ଓଏଭିରେ ନିମ୍ନମାନର ମଧ୍ୟାହ୍ନଭୋଜନ ବଣ୍ଟନ ଅଭିଯୋଗ

# ତଦନ୍ତ କଲେ ୩ ଜଣିଆ କମିଟି

ଦୁର୍ଗୀ/ରାୟଗଡ଼ା,୨୨।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତର ଭାଲେରୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ରେ ଛାତ୍ରଛାତ୍ରୀଙ୍କୁ ନିମ୍ନମାନର ମଧ୍ୟାହ୍ନ ଭୋଜନ ବଣ୍ଟନ ହେଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଜିଲ୍ଲା ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ତିନିଜଣିଆ କମିଟି ଘଟଣାର ତଦନ୍ତ କରିଛନ୍ତି। ଆଜି ଅତିରିକ୍ତ ଏବିଇଓ ସୋମନାଥ ୱାଡ଼କା, ସ୍ଥାନୀୟ ସିଆରସି ସଞ୍ଜୟ ବେହେରା, ପାତ୍ରଗୁଡାର ପ୍ରଧାନ ଶିକ୍ଷକ



ଲକ୍ଷ୍ମଣ ହିକ୍କା ପ୍ରମୁଖ ତଦନ୍ତ କରିଥିବା ଜଣାପଡିଛି। ଅଭିଯୋଗକୁ ଭିତ୍ତି କରି ବିଦ୍ୟାଳୟର ଶିକ୍ଷକ ଆଉ ପିଲାମାନଙ୍କୁ ତିନି ଜଣିଆ କମିଟି ପଚାରି ବୁଝିଥିଲେ। ପରେ ଉପରିସ୍ଥ ଅଧିକାରୀଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି ତଦନ୍ତ ଅଧିକାରୀମାନେ ପ୍ରକାଶ କରିଛନ୍ତି । ତେବେ କାଡ ତଇକା, ଜୟନ୍ତୀ କୁମୁରୁକା, ରାମସିଂଗ କୁମୁରୁକା, ପ୍ରକାଶ ଗରଡ଼ିଆ, ଅରକ୍ଷିତ ଗରଡ଼ିଆ, ଦାମୋଦର ଗରଡିଆ, ଲାଛୁ ଟାକିରୀ, ନକୁଳ ବାଗ, ବନିତା ଟାକରି, ସୀମାଞ୍ଚଳ ଗରଡିଆ, ମୁରଲୀ ନିମାଲ, ଯୁଧିଷ୍ଠିର କୌଶଲିଆ, ପ୍ରକାଶ ଚନ୍ଦ୍ର ଗରଡିଆଙ୍କ ଭଳି ଅଭିଭାବକମାନେ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

# କୋରାପୁଟରେ ନାହିଁ ମକା ମଣ୍ଡି; ଚାଷୀ କ୍ଷତିଗ୍ରସ୍ତ

କୋରାପୁଟ/ପୋଡ଼ାଗଡ଼,୨୨।୧(ସମିସ): ଚାଷୀଙ୍କ ରୋଜଗାର ବୃଦ୍ଧି ପାଇଁ ସରକାର ଯେଉଁ ପ୍ରତିଶୃତି ଦେଇଥିଲେ , ତାହା ବର୍ତ୍ତମାନ ନାରାବାଜିରେ ସୀମିତ ରହିଥିବା ଦେଖିବାକୁ ମିଳୁଛି। ଗତ କିଛି ବର୍ଷ ହେଲା କୋରାପୁଟ ଜିଲ୍ଲାରେ ହଜାର ହଜାର ଚାଷୀ ମକା ଚାଷ କରି ଭଲ ଲାଭ ପାଉଥିଲେ। ମଣ୍ଡି ନଥିଲେ ମଧ ବ୍ୟବସାୟୀ ମାନେ ଉଚିତ ଦର ଦେଇ କିଣି ନେଉଥିଲେ। କିନ୍ତୁ ଚଳିତ ବର୍ଷ ଅଧିକ ଉତ୍ପାଦନ ହେଇଥିବାରୁ ବ୍ୟବସାୟୀ ମାନେ କମ ଦର ଲଗାଇ ଚାଷୀଙ୍କ ଠାରୁ ମକା ନେଉଥିବା ବେଳେ ଚାଷୀ କ୍ଷତିଗ୍ରସ୍ତ ହେବା ସତ୍ତ୍ୱେ ବ୍ୟବସାୟୀଙ୍କୁ ମକା ବିକିବାକୁ ବାଧ ହେଉଛନ୍ତି। ରାଜ୍ୟ ସରକାର ମକାର ସର୍ବନିମ୍ନ ମୂଲ୍ୟ ଧାର୍ଯ୍ୟ କରିଛନ୍ତି । କିନ୍ତୁ କୋରାପୁଟ ଜିଲ୍ଲାରେ ମକା ମଣ୍ଡି ନାହିଁ। ଫଳରେ ଚାଷୀ କମ୍ ଦରରେ ବିକିବାକୁ ବାଧ ହେଉଛନ୍ତି। ଚଳିତ ବର୍ଷ ମକା କିଲୋ ପିଛା ପାଞ୍ଚ ଟଙ୍କା କମ୍‌ରେ ବିକ୍ରି ହେଉଥିବା ଜଣାପଡ଼ିଛି। ତେଣୁ କୋରାପୁଟ ଜିଲ୍ଲାରେ ତୁରନ୍ତ ମକାମଣ୍ଡି ଖୋଲିବାକୁ ଚାଷୀ ଦାବି କରିଛନ୍ତି। କୋରାପୁଟ ଅଞ୍ଚଳରେ ଡଙ୍ଗର ଜମି ଅଧିକ ଥିବାରୁ ଲୋକେ ମକାକୁ ମୁଖ୍ୟ ଅର୍ଥକାରୀ ଫସଲ ଭାବେ ଚାଷ କରି ଆସୁଛନ୍ତି। ଜିଲ୍ଲାର କୋରାପୁଟ ,ଜୟପୁର କୁନ୍ଦୁରା , ?ପୋରୀଗୁଡ଼ା, ପଟ୍ଟାଙ୍ଗି ,ସିମିଳିଗୁଡା, ନନ୍ଦପୁର ଲମତାପୁଟ ,ଦସମନ୍ତପୁର୍ ବ୍ଲକରେ ଅଧିକ ମକା ଚାଷ ହୋଇଥାଏ। ଏହି ଚାଷରେ ଅଧିକ ଲାଭ ହେଇଥିବାରୁ ଦୀର୍ଘ ୧୦ ବର୍ଷରୁ ଅଧିକ ସମୟ



ଧରି ଏହି ଚାଷ କରି ଆସୁଛନ୍ତି। ଏମାନଙ୍କୁ ଦେଖି ଅନ୍ୟ ଚାଷୀ ମଧ ଏଥିପ୍ରତି ଆକୃଷ୍ଟ ହେଉଛନ୍ତି । ହଳ, ବିହନ, ଖତ, ସାର, ମଜୁରୀ ଆଦି ପାଇଁ ଏକର ପିଛା ୨୦ରୁ ୩୦ ହଜାର ଖର୍ଚ୍ଚ କରିବାକୁ ପଡୁଛି। ପୂର୍ବ ବର୍ଷ ଗୁଡିକରେ ଚାଷ ଭଲ ହୋଇଥିବାରୁ ଏକର ପ୍ରତି ୨୫ କ୍ୱିଣ୍ଟାଲ ମକା ଅମଳ ହୋଇଥିଲା। ବିକ୍ରି ପରେ ସେଥିରୁ ପ୍ରାୟ ୩୦ ହଜାର ଟଙ୍କା ଲାଭ ପାଇଥିଲେ। ଗତବର୍ଷ ମକା ଦର କ୍ୱିଣ୍ଟାଲ ପିଛା ଦୁଇ ହଜାରରୁ ୨୩୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରି ଭଲ ଦୁଇ ପଇସା ଲାଭ ପାଇଥିଲେ। କିନ୍ତୁ ଏ ବର୍ଷ ବହୁତ କମ୍ ଦରରେ କ୍ୱିଣ୍ଟାଲ ପିଛା ୧୫୦୦ରୁ ୧୮୦୦ ଟଙ୍କାରେ ବିକ୍ରି କରି କେଜି ପିଛା ୫ ଟଙ୍କା କ୍ଷତି ସହିଥିବା ଚାଷୀ କହିଛନ୍ତି। ଏହି ମକା ଚାଷ ପାଇଁ ସେମାନେ ଧାର ଖରଜ କରି ଅଧିକ ଟଙ୍କା ଖର୍ଚ୍ଚ ଓ ପରିଶ୍ରମ କରିଥିଲେ। ଜିଲ୍ଲାରେ ମକାମଣ୍ଡି ଖୋଲାଯାଉ ନଥିବାରୁ ବିକ୍ରି ସମୟରେ ସେମାନଙ୍କୁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ସରକାରଙ୍କ ପକ୍ଷରୁ ମକା କିଣିବାକୁ କୌଣସି ବ୍ୟବସ୍ଥା କରାଯାଇନି। ଯଦି କୋରାପୁଟ ଜିଲ୍ଲା କଥା କହିବା କୋରାପୁଟର ଜୟପୁର ଉପଖଣ୍ଡରେ କେବଳ ମକା ଦୁଇ ଶହ ହେକ୍ଟରରେ ଚାଷ କରାଯାଇଥାଏ। ଅନ୍ୟ ପଟେ କୋରାପୁଟ ଉପଖଣ୍ଡରେ ତିନି ଶହ ହେକ୍ଟରରୁ ଅଧିକ ମକା ଚାଷ କରିଥାନ୍ତି। ଅନ୍ୟ ଜିଲ୍ଲା ଭଳି ଜିଲ୍ଲାରେ ମକାମଣ୍ଡି ଖୋଲାଗଲେ ସେମାନେ ସରକାରୀ ଦରରେ ବିକ୍ରି କରି ଅଧିକ ଲାଭ ପାଇପାରିବେ। ଜିଲ୍ଲାରେ ମଣ୍ଡି ନ ଥିବାରୁ ପଡୋଶୀ ଛତିଶଗଡ ଓ ଆନ୍ଧ୍ରର ଦଲାଲ ଆସି କମ ଦାମରେ କିଣି ବାହାର ରାଜ୍ୟରେ ଚଢ଼ା ଦରରେ ବିକିଥାନ୍ତି। ଯାହା ଫଳରେ କୋରାପୁଟ ଜିଲ୍ଲାର ଚାଷୀ ମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ତେଣୁ ମକା ଚାଷୀଙ୍କ ସ୍ୱାର୍ଥକୁ ଆଖିରେ ରଖି ସରକାର ଜିଲ୍ଲାରେ ତୁରନ୍ତ ମକାମଣ୍ଡି ଖୋଲିବା ଦିଗରେ ବ୍ୟବସ୍ଥା କରିବାକୁ ଚାଷୀ ମାନେ ଦାବି କରିଛନ୍ତି।

# ଜମି ବିବାଦରୁ ସଂଘବଦ୍ଧ ଆକ୍ରମଣ: ୬ ଗୁରୁତର

ମୁନିଗୁଡ଼ା,୨୨।୧(ସମିସ): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ଥାନା ଅଞ୍ଚଳରେ ଜମି ବିବାଦକୁ ନେଇ ପୂର୍ବ ଶତ୍ରୁତାରୁ ସଂଘବଦ୍ଧ ଆକ୍ରମଣରେ ୬ ଜଣ ଗୁରୁତର ହୋଇଥିବା ଜଣାପଡିଛି। ଜମି ବିବାଦକୁ ନେଇ ଗତକାଲି ସଂଘବଦ୍ଧ ଭାବେ ଦେବରାଜ ପାଣିଗ୍ରାହୀ, ସୋମନାଥ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ତନୁ ପାଣିଗ୍ରାହୀ, ରଘୁବୀର କରକରିଆ, କେଶବ କରକରିଆ, କେଶପତି ଗରଡିଆ, ସେନାପତି ଗରଡିଆଙ୍କୁ ମୁନିଗୁଡା ବ୍ଲକ ଆଗୁଳ ପଞ୍ଚାୟତ ପାଇକମାଦାଖୋଲା ଗ୍ରାମର ପାଖାପାଖି ୨୦ ଜଣ ଲୋକ ସଂଘବଦ୍ଧ ଭାବେ କଟୁରୀ, ଟାଙ୍ଗିଆ ଓ ଠେଙ୍ଗା ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣକୁ ପ୍ରତିହତ କରିନପାରି ଜୀବନ ବଞ୍ଚାଇବା ପାଇଁ ଦୌଡି ପଳାଇଥିଲେ। ରକ୍ତାକ୍ତ ଅବସ୍ଥାରେ କିଛି ଆହତ ବ୍ୟକ୍ତି ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବେଳେ କିଛି ଆହତ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ସୂଚନାରୁ ଜଣାପଡିଛିଯେ, ଦୀର୍ଘବର୍ଷ ହେଲା ଗ୍ରାମର ଏକ ଜମିକୁ ନେଇ ବିବାଦ ଲାଗି ରହିଥିଲା। ବାରମ୍ବାର ଅଭିଯୋଗ ପରେ ଗତକାଲି ଜମିର ଡିମାରକେସନ ପାଇଁ ତାରିଖ ରହିଥିଲା ଏବଂ କୌଣସି କାରଣ ପାଇଁ ଏହା ହୋଇପାରିନଥିଲା। ଡିମାରକେସନ ପାଇଁ ଉଭୟ ଗୋଷ୍ଠୀର ଲୋକ ରହିଥିବା ବେଳେ ଧାର୍ଯ୍ୟ ସମୟରେ ଅଧିକାରୀ ମାନେ ଆସିନଥିଲେ। ଫଳରେ ଉଭୟଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଲାଗିଥିଲା ଏବଂ ଗୋଟିଏ ଗୋଷ୍ଠୀକୁ ପ୍ରତିପକ୍ଷ ଆକ୍ରମଣ କରିଥିଲେ। ଏଥିରେ ୬ ଜଣ ଗୁରୁତର ହୋଇଥିବା ବେଳେ ୩/୪ଜଣଙ୍କ ମୁଣ୍ଡ ଫାଟିଥିବା ବେଳେ କିଛି ଲୋକଙ୍କ ମୁହଁରେ ଏବଂ ଅନ୍ୟାନ୍ୟ ସ୍ଥାନରେ ଆଘାତ ଲାଗିଥିବା ପୁଲିସକୁ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ଅମ୍ବାଦଳା ଥାନାରେ ଦେବରାଜ ପାଣିଗ୍ରାହୀ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇଲା ପରେ ପୁଲିସ ଘଟଣାରେ ତଦନ୍ତ ଆରମ୍ଭ କରିଛି। ଆମ୍ବଦଳା ଆଇଆଇସି କଳ୍ପନା ବେହେରା ପୁଲିସ ଘଟଣାରେ ତଦନ୍ତ କରୁଛି ଏବଂ ଖୁବଶୀଘ୍ର ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି। ଗ୍ରାମରେ ଉତ୍ତେଜନା ଲାଗିରହିଥିବା ବେଳେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି।

# ପଡ଼ିଆ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପଡ଼ିଆ, ୨୨।୧(ସମିସ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ମହକୁମା ସ୍ଥିତ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୀର ସହିଦ ତାମା ଦୋରାଙ୍କ ଜୀବନ ବୃତ୍ତାନ୍ତକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପଡିଆ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ବାର୍ଷିକ ଉତ୍ସବ ଅବସରରେ ଅଧକ୍ଷ ପରମାନନ୍ଦ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱାଧୀନତା କ୍ଷେତ୍ରରେ ବୀର ସହିଦ ତାମା ଦୋରାଙ୍କ ସଂଘର୍ଷମୟ କାହାଣୀ ସହ ବିଭିନ୍ନ ଗେଜେଟ୍ ଓ ଗଣମାଧ୍ୟମରେ ପ୍ରକାଶିତ ତଥ୍ୟ ସମ୍ପର୍କରେ ଆଲୋଚନା କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର ଅଜୟ କୁମାର ମାଣ୍ଡାଙ୍ଗି, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଲେଖକ ମନୋଜ ସାହୁ, ସମ୍ମାନିତ ଅତିଥି ପ୍ରକାଶ ପଟ୍ଟନାୟକ, ପଡିଆ ବ୍ଲକ ବିଜେପି ସଭାପତି କୋଟାମ ବାଲାୟା, ସମାଜସେବୀ ଡ.ଏନ୍ ରାଘବ ରାଓ, ପଡିଆ ସରପଞ୍ଚ ଗଙ୍ଗା କାରାମ, ମାଟେରୁ ସରପଞ୍ଚ ଲଛମନ ମାଡକାମି, ବୋଜି ସୁନାମ, କୋରାପୁ ଲାଛମାୟା, ସତ୍ୟନାରାୟଣ ମାଝୀ, ପଡିଆ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେଶା କମରାମ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମାଲକାନଗିରି ମହିଳା ଉଚ୍ଚ ବିଦ୍ୟାଳୟର ଅଧକ୍ଷ ଦୁଷ୍ମନ୍ତ କୁମାର ଜେନା, ଏମଭି ୭ ୯ କଲେଜର ପୂର୍ବତନ ଅଧକ୍ଷ ପ୍ରଶାନ୍ତ କୁମାର ପାଢ଼ୀ, କୁଡୁମୁଲୁଗୁମ୍ମା କଲେଜର ଅଧକ୍ଷ ଗୌରୀ ଶଙ୍କର ବେହେରାଙ୍କୁ ଜିଲ୍ଲାବ୍ୟାପୀ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଲାଗି ସମ୍ମାନିତ କରାଯାଇଛି। ଏଥିସହ ସହିଦ୍ ତାମା ଦୋରାଙ୍କ ଦାୟାଦ ଶ୍ରୀ ସୁନାମ ବୀର ସହିଦ୍ ତାମା ଦୋରାଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମ ଦିନକୁ ଜାନୁଆରୀ ୨୨ ତାରିଖ



ଦିନ ଦେଶ ଓ ରାଜ୍ୟବ୍ୟାପୀ ପାଳନ କରିବା ପାଇଁ ଦାବି କରାଯାଇଛି। ତାମା ଦୋରାଙ୍କ ବୀରତ୍ୱ ଓ ଆଦିବାସୀ ଗଡ଼ରେ ରହି ଇଂରେଜ ମାନଙ୍କ ବିରୋଧରେ କରିଥିବା ସଂଗ୍ରାମ ବାବଦରେ ବର୍ତ୍ତମାନର ପିଢୀକୁ ଅବଗତ କରାଇବା ସହ ଏହାକୁ ପାଠ୍ୟ ଖସଡ଼ାରେ ସାମିଲ କରିବାକୁ ମତ ପ୍ରକାଶ ପାଇଛି। ଏହି ଅବସରରେ ପଡିଆ କଲେଜ ଓ ହଷ୍ଟେଲକୁ ତାମା ଦୋରାଙ୍କ ନାମରେ ନାମିତ କରାଯିବାକୁ ମତ ପ୍ରକାଶ ପାଇଛି। ପଡିଆ କଲେଜକୁ ସହିଦ୍ ତାମା ଦୋରାଙ୍କ ନାମରେ ନାମିତ କରିବାକୁ ଏହି ମଞ୍ଚରେ ପ୍ରସ୍ତାବ ଦିଆଯାଇଛି। ଏହି ଅବସରରେ ତାମା ଦୋରାଙ୍କ ଜନ୍ମ ତାରିଖ ଧାର୍ଯ୍ୟ କରାଯାଇ ରାଜ୍ୟ ତଥା ଜାତୀୟ ସ୍ତରରେ ଏହାକୁ ପାଳନ କରି ଏହି ସ୍ୱାଧୀନତା ସଂଗ୍ରାମୀଙ୍କୁ ଉଚିତ ସମ୍ମାନ ଜଣାଇବାକୁ ଉପସ୍ଥିତ ଅତିଥି ମାନେ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ପ୍ରଶାନ୍ତ କୁମାର ପରିଡା ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର କୁମାର ନାୟକ, ଅମୂଲ୍ୟ ରତ୍ନ, ଜଗନ୍ନାଥ ସାହୁ, କୋରାପୁ ଉଦୟ, ଏସ୍ ମୋନିକା ପ୍ରମୁଖ ସହଯୋଗ କରିଛନ୍ତି।

# ଦକ୍ଷତା ବିକାଶ, ଫଡ଼ି କମିଟି ବୈଠକ

ମାଥିଲି,୨୨।୧ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କତାମେଟା କେନ୍ଦୁପତ୍ର ବନାଞ୍ଚଳ ଅଧୀନ ନାୟକଗୁଡା ସେକ୍ସନର ବନପାଳ ଜଗତ ମୋହନ ସାହୁଙ୍କ ନେତୃତ୍ୱରେ ମେକ୍କା ପଞ୍ଚାୟତ ଅନ୍ତର୍ଗତ ପୂଜାରିଗୁଡ଼ା ଗ୍ରାମ ଠାରେ କେନ୍ଦୁପତ୍ର ତୋଳାଳୀ ମାନଙ୍କୁ ସରକାରୀ ଯୋଜନାରୁ କିଭଳି ଆଦିବାସୀ ଲୋକ ଲାଭବାନ ହେବେ ଏବଂ ଦଲାଲ ପ୍ରତି ସତର୍କ ରହିବା ପାଇଁ କେନ୍ଦୁପତ୍ର ତୋଳାଳୀଙ୍କୁ ଅବଗତି କରାଯାଇଥିଲା। ସରକାରୀ ଫଡି କାର୍ଡଧାରୀ ବୋନସ୍ ସୁବିଧା ସହ କାର୍ଡ ଧାରୀଙ୍କ ମୃତ୍ୟୁ ପାଇଁ ସରକାରୀ ଯୋଜନା, ୨ ଲକ୍ଷ ଟଙ୍କା ସହାୟତା, ଦକ୍ଷତା ବିକାଶ ତଥା ଯୁବତୀ ମାନଙ୍କୁ ସିଲେଇ ମେସିନ ଟ୍ରେନିଂ ସହ ୧ ଲକ୍ଷ ଟଙ୍କା ଋଣ, ବେକାର ଯୁବକ ଯୁବତୀଙ୍କ ପାଇଁ ମଧ ଦକ୍ଷତା ବୃଦ୍ଧି କଡାପାଲ୍ଲି ,ମେକ୍କା, ନାୟକଗୁଡା, ପାଙ୍ଗାମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ସରକାରଙ୍କର ଲୋକାଭିମୁଖି ଯୋଜନା ସମ୍ପର୍କରେ ସରକାରୀ ଫଡି ଗାଁ ଗୁଡିକରେ ସଚେତନେତା କରୁଛନ୍ତି। ପର୍ବତ ସହ ମହୁଲ ଫୁଲ ପାଇଁ ଜଙ୍ଗଲ ଗୁଡିକରେ ନିଆଁ ନ ଲଗାଇବାକୁ ଏବଂ ଗଛ ନ କାଟିବାକୁ ଅନୁରୋଧ କରିଥିଲେ। ସମସ୍ତେ ଜଙ୍ଗଲ ଉପରେ ନିର୍ଭରଶୀଳ, ଜଙ୍ଗଲ ସୁରକ୍ଷା ହିଁ ଜୀବନ ରକ୍ଷାକୁ ଗୁରୁତର ସହ ନେବା ଆବଶ୍ୟକ ବୋଲି ସଚେତନ କରାଯାଇଛି।

# ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ପଟ୍ଟାଙ୍ଗି,୨୨।୧(ସମିସ): ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ପୁକାଲି ଗ୍ରାମରେ ଥିବା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଡ଼ମ୍ବରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୀପଶିଖା ବେହେରାଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସେ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଏଥିରେ ସେ ବିଦ୍ୟାଳୟର ସଫଳତା ଓ ସମସ୍ୟାକୁ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା କଳ୍ପନା ପାଙ୍ଗି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାକର ଖଟୁଆ ଯୋଗଦାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଟ୍ଟାଙ୍ଗି ଜୋନ-୧ ର ଜିଲ୍ଲାପରିଷଦ ସଦସ୍ୟା ଟିକାଇ ଗେମେଲ, ପଟ୍ଟାଙ୍ଗି ବ୍ଲକର ବିଧାୟକ ପ୍ରତିନିଧୀ ଅର୍ଜୁନ ବାଙ୍କା, ପୁକାଲି ଗ୍ରାମପଞ୍ଚାୟତର ସରପଞ୍ଚ ତ୍ରିପତି ସାରା ଯୋଗଦାନ କରିଥିଲେ। ଅତିଥିବୃନ୍ଦ ଛାତ୍ର ଛାତ୍ରୀଙ୍କୁ ଭଲ ପାଠ ପଢି ଉତ୍ତମ ନାଗରିକ ହେବା ପାଇଁ ଉପଦେଶ ପ୍ରଦାନ କରିବା ସହ ଖେଳ, ପ୍ରବନ୍ଧ ଲିଖନ ଭଳି ପ୍ରତିଯୋଗିତାରେ କତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଗତବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ବ୍ଲକ୍‌ରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଚନ୍ଦନ ବୁରୁଡ଼ିକୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ପୂର୍ବତନ ଶିକ୍ଷକ ଅଶୋକ କୁମାର ମହାନ୍ତି ଏଥିର ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶକ୍ଷୟିତ୍ରୀମାନଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନବରଙ୍ଗପୁର ପଞ୍ଚାୟତ ସମିତିରେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



ନବରଙ୍ଗପୁର,୨୨।୧(ସମିସ): ସ୍ଥାନୀୟ ପଞ୍ଚାୟତ ସମିତି ନବରଙ୍ଗପୁର କାର୍ଯ୍ୟାଳୟ ଠାରେ ନବରଙ୍ଗପୁର ସାଂସଦ ଲୋକସଭା ବଳଭଦ୍ର ମାଝୀ ମୁଖ୍ୟ ଅତିଥି ଏବଂ ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ବରେଣ୍ୟ ଅତିଥି ଭାବେ ସମୀକ୍ଷା ବୈଠକରେ ଯୋଗ ଦେଇ ହିତାଧିକାରୀଙ୍କୁ ସହାୟତା ଭତ୍ତା ପ୍ରଦାନ କରିଥିଲେ। ଲୋକସଭା ସାଂସଦ ଉପସ୍ଥିତ ବ୍ଲକ୍ ଅଧିକାରୀଙ୍କୁ ନେଇ ବିକଶିତ ଭାରତ, ନିଶ୍ଚିତ ରୋଜଗାର, ଜୀବିକା ମିଶନ ( ଗ୍ରାମୀଣ) ୨୦୨୫ର ଆଭିମୁଖ୍ୟ, ଅଧିନିୟମ, ଉପକାରିତା ଓ ପ୍ରଣୟନ ଉପରେ ବିଶେଷ ଆଲୋଚନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଲୋକସଭା ସାଂସଦ ଉପସ୍ଥିତ ବିଭିନ୍ନ ଯୋଜନାର ୩୨ ଜଣ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ପେନସନ ଭତ୍ତା, ୪୧ ଜଣଙ୍କୁ ଗ୍ରାମୀଣ ଆବାସ ଯୋଜନା ପ୍ରୋତ୍ସାହନ ରାଶି ,୧୨୭ ଜଣଙ୍କୁ ବସୁନ୍ଧରା ଯୋଜନାରେ ଭତ୍ତା,୧୬ ଜଣଙ୍କୁ ନୂଆ ରାସନ୍ କାର୍ଡ ପ୍ରଦାନ କରିଥିଲେ। ସଭାରେ ପଞ୍ଚାୟତ ସମିତି ଅଧକ୍ଷ ଶରତ ଭତରା, ବିଡିଓ ସୁନିଲ ଖରା, ତହସିଲଦାର, ସହାୟକ ନିର୍ବାହୀ ଯନ୍ତ୍ରୀ, ବ୍ଲକ୍ ସ୍ତରୀୟ ଅଧିକାରୀ ଓ ଅନ୍ୟ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

# ରାଜଚାଉରିଆ ବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶିବିର

କୋଷାଗୁମୁଡା,୨୨।୧(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ୍‌ର କୋଡ଼ିଙ୍ଗାଠାରେ ଆଜି ରାଜଚାଉରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶିବିରର ଶୁଭାରମ୍ଭ ହୋଇଛି। ସାତ ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାମାଜିକ ସେବା ଏବଂ ସମ୍ପ୍ରସାରଣ କ୍ଷେତ୍ରରେ ଯୁବକମାନଙ୍କର ଉନ୍ନତି ସାଧନ। ଉଦଘାଟନୀ ସଭାରେ ବିଦ୍ୟାଳୟର ପ୍ରିନ୍ସିପାଲ ଅମିତା ରାୟ ଅଧକ୍ଷତା କରିଥିଲେ। ସଭାରେ ବିଦ୍ୟାଳୟର ଭାଇସ୍ ପ୍ରିନ୍ସିପାଲ ବିବେକ କୁମାର ମହାଲ୍ଲିକ, ଜିଡିସି କୋଷାଗୁମୁଡା ପ୍ରିନ୍ସିପାଲ ରାଜୀବ ଜାଲ, କୋଡ଼ିଙ୍ଗା ଅବାହକ ଅରୁଣ ପ୍ରସନ୍ନ ନାୟକ ଏବଂ କୋଡ଼ିଙ୍ଗା ତହସିଲଦାର ତୁଳା ମୁଦୁଲି ଉପସ୍ଥିତ ଥିଲେ। ସଭାରେ ଏନଏସଏସ ପ୍ରୋଗ୍ରାମ ଅଫିସର ପଞ୍ଚାନନ ଦୁରିଆ ପ୍ରୋଗ୍ରାମ ସମ୍ପର୍କରେ କହିଥିଲେ। ଓଡିଆ ବିଭାଗର ଡ. ରବି ନାରାୟଣ ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏନଏସ୍‌ଏସ୍ ପ୍ରୋଗ୍ରାମ ସମ୍ପର୍କରେ କହିଥିଲେ ଏବଂ ଏହା ଯୁବକମାନଙ୍କ ଜୀବନରେ କିପରି ପ୍ରଭାବ



ପକାଇପାରିବ ତାହା ସମ୍ପର୍କରେ କହିଥିଲେ। ଶ୍ରୀ ରାଜୀବ ଜାଲ ମୁଖ୍ୟବକ୍ତା ଭାବରେ ସଭାକୁ ସମ୍ବୋଧନ କରିଥିଲେ। କୋଡ଼ିଙ୍ଗା ତହସିଲଦାର ଶ୍ରୀ ତୁଳା ମୁଦୁଲି ଏହି ପ୍ରୋଗ୍ରାମକୁ ଉଦ୍‌ଘାଟନ କରିଥିଲେ। ସଭାରେ ଇକୋନୋମିକ୍ ବିଭାଗର ଅଖିଳ କୁମାର ଭଟ୍ଟ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଜୁନିୟର କ୍ଲର୍କ ସୀମାଞ୍ଚଳ ପଟ୍ଟନାୟକ ଏବଂ ପିଟି ଶିକ୍ଷକ ପ୍ରଦୀପ୍ତ ସାମନ୍ତ ପ୍ରମୁଖଙ୍କ ସହ ସସ୍ମିତା ପ୍ରଧାନ ଓ ଦେବକୀ ଦିସାରି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ସୁରକ୍ଷିତ ଜୀବିକା, ସୁରକ୍ଷିତ ପରିବେଶ କର୍ମଶାଳା

ରାୟଗଡ଼ା, ୨୨।୧(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ସଦ୍‌ଭାବନା ଗୃହରେ ଗୁରୁବାର ସୁରକ୍ଷିତ ପରିବେଶ ସହ ସୁରକ୍ଷିତ ଜୀବିକା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏବିଡିଓ କାଳୁ ଚରଣ ନାୟକ, ଜାତୀୟ ସମ୍ବଳ ବ୍ୟକ୍ତି ନରେଶ ଶର୍ମା ଓ ସଙ୍ଗୀତା,ବୈଷୟିକ ସଂଯୋଜକ ଯୋଗେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳରେ ଯେପରି ସମସ୍ତ ବ୍ୟକ୍ତି ସୁରକ୍ଷିତ ରୋଜଗାରକ୍ଷମ ହେବେ, ରୋଜଗାର ନିମନ୍ତେ ଉତ୍ତମ ପନ୍ଥା ଅବଲମ୍ବନ କରିବେ, ଗ୍ରାମାଞ୍ଚଳର ଅନୁଷ୍ଠାନ ଗୁଡିକ ପର୍ଯ୍ୟାବରଣର ସୁରକ୍ଷା ଦିଗରେ ଦାୟିତ୍ୱବାନ ହେବା ନିମନ୍ତେ ବିଭିନ୍ନ ପନ୍ଥା ଓ କୌଶଳ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ୫୦ଜଣ ଗ୍ରାମ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା, ଏମ୍‌ବିକେ, ସିଆରପି ଅଙ୍ଗନବାଡି କର୍ମୀ ଯୋଗ ଦେଇଥିଲେ। ଲୋକଙ୍କ ଜୀବନ ଧାରଣର ମାନ ବୃଦ୍ଧି ନିମନ୍ତେ ସରକାରଙ୍କ ଏଭଳି ଅଭିନବ ପଦକ୍ଷେପ ନିଆଯାଉଥିବା ବିଡିଓ ସୁଜିତ କୁମାର ମିଶ୍ର କହିଛନ୍ତି।

● ଆଶିଷ-ଅନ୍ୱେଷା ପ୍ରେମ କାହାଣୀର ଯବନିକା

# ବୋହୂ ଜୁଇରେ; ସ୍ୱାମୀ, ଶାଶୁ ଓ ଶଶୁର ଅଟକ

ନନ୍ଦପୁର,୨୨।୧(ସମିସ): ପ୍ରେମ ବିବାହର ଦୁଃଖଦ ପରିସମାପ୍ତି ଘଟିଛି। ଦୁଇ ବର୍ଷ ପରେ ମହିଳା ଜଣକ ବେକ୍‌ରେ ଦୌଡି ଦେଇ ଆତ୍ମହତ୍ୟା କରିଥିବା ଶାଶୁ ଘର ଲୋକେ କହୁଥିବା ବେଳେ ବାପଘର ଲୋକେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରୁଛନ୍ତି। ଝିଅର ପିତା ସୁବାସ ମାଛଙ୍କ ଅଭିଯୋଗ ପ୍ରକାରେପୁଲିସ ଅଭିଯୁକ୍ତ ସ୍ୱାମୀ, ଶାଶୁ ଓ ଶଶୁରକୁ ଅଟକ ରଖି ଘଟଣାର ତଦନ୍ତ କରୁଛି। ନନ୍ଦପୁର ସଦର ମହାକୁର ବାହିରିପଡା ଗ୍ରାମ ସୁବାସ ମାଛ ଙ୍କ କନ୍ୟା ଅନ୍ୱେଷା ମାଛ ଗତ ଦୁଇ



ବର୍ଷ ତଳେ ବାଡେଲ ଗ୍ରାମର ଆଶିଷ ଶୁକ୍ରିଙ୍କ ପ୍ରେମ ବିବାହ କରି ଥିଲେ। ବୁଧବାର ଦିନ ୧ଟା ସମୟରେ ଘରେ କେହି ନଥିବା ବେଳେ ସେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ଖବର ପାଇ ସ୍ୱାମୀ ଆଶିଷ ତୁରନ୍ତ ଘରେ ପହଞ୍ଚି ପତ୍ନୀଙ୍କୁ ଉଦ୍ଧାର କରି ଲମତାପୁଟ ଆଶା କିରଣ ମେଡିକାଲକୁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଝିଅ ଘର ପରିବାର ଖବର ପାଇ ଆଶା କିରଣ ମେଡିକାଲରେ ପହଞ୍ଚି ଥିବା ବେଳେ ଘଟଣା ସ୍ଥଳରୁ ସ୍ୱାମୀ ଓ ତାଙ୍କ ପରିବାର ଲୋକେ ଫେରାର ମାରିଥିଲେ। ନ୍ୟାୟ ଅପେକ୍ଷାରେ ଝିଅର ପିତା ଶ୍ରୀ ମାଛ ପରିବାର ରାତିତମାମ ଲମତାପୁଟ ମେଡିକାଲରେ ଶବ ଧରି ବସିଥିଲେ। ପୁଲିସ ତତ୍ପରତା ଦେଖାଇ ସ୍ୱାମୀ, ଶାଶୁ ଶଶୁରଙ୍କୁ ଥାନାକୁ ଆଣିଥିଲେ। ଗୁରୁବାର ଶବ ବ୍ୟବଚ୍ଛେଦ ପରେ ଶବ ନେଇ ଯାଇଥିଲେ ଝିଅର ପରିବାର। ଶୋକାକୁଳ ପରିବେଶରେ ବାହିରିପଡା ଶ୍ମଶାନରେ ତାର ଅନ୍ତିମ ସତ୍କାର କରାଯାଇଥିଲା । ସେପଟେ ଝିଅ ପରିବାର ଯୌତୁକ ନିର୍ଯାତନା ସହ ଅନ୍ୱେଷାକୁ ଶଶୁର ଘର ଲୋକେ ହତ୍ୟା କରିଥିବା ଅଭିଯୋଗ ଆଣିଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁ ଗୁମର ଖୋଲିବ ବୋଲି ପୁଲିସ କହିଛି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/22 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ଉପାଧକ୍ଷ (ୟୁଏକ୍ସ) | 1 | 40 | 50 |
| ଉପ-ଉପାଧକ୍ଷ (ୟୁଏକ୍ସ) | 1 | 36 | 44 |
| ସହାୟକ ଉପାଧକ୍ଷ (ୟୁଏକ୍ସ) | 1 | 32 | 40 |
| ବରିଷ୍ଠ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ (ୟୁଆଇ ଏବଂ ୟୁଏକ୍ସ) | 3 | 28 | 37 |

ବିଜ୍ଞାପନ ସଂ. CRPD/SCO/2025-26/22 (ନିୟମିତ ପଦବୀ)

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ଉପ-ପ୍ରବନ୍ଧକ (ୟୁଆଇ ଏବଂ ୟୁଏକ୍ସ) | ଏମ୍‌ଏମ୍‌ଜିଏସ୍-II | 6 | 25 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **https://sbi.bank.in/ web/ careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://bank.sbi/web/careers/post-your-query)**ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 16.01.2026 ରୁ 05.02.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 16.01.2026
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

# ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଉଦ୍‌ଘାଟିତ

ମାଲକାନଗିରି, ୨୨।୧(ସମିସ): ମାଲକାନଗିରି ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ -୨୦୨୬ କାର୍ଯ୍ୟକ୍ରମ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଂଜନ ପାଣିଗ୍ରାହୀଙ୍କ ଆହ୍ୱାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଅନ୍ୟତମ ଅତିଥି ଭାବେ ମାଲାକାନଗିରି ବିଧାୟକ ନରସିଂହ ମାଡ଼କାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ବାଲିମେଳା ବିଜ୍ଞାପିତ ପରିଷଦ ଅଧକ୍ଷ ପ୍ରଦୀପ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କ କରକମଳରେ ପୁନର୍ବାସ ଯୋଜନା ଅଧିନରେ ପାଞ୍ଚ ଜଣ କର୍ମଚାରୀଙ୍କୁ ପ୍ରଦତ୍ତ ନିଯୁକ୍ତି ପତ୍ର ପ୍ରଦାନ ସହ ଜର୍ଣ୍ଣାଲ ଉନ୍ମୋଚନ ଓ ସମଗ୍ର ଶିକ୍ଷା ମାଲାକାନଗିରି କ୍ୟାଲେଣ୍ଡର-୨୦୨୬ର ଶୁଭ ଉନ୍ମୋଚନ ହୋଇଥିଲା। ଇଚ୍ଛା ଶକ୍ତି ଥିଲେ ଅସମ୍ଭବ ବି ସମ୍ଭବ ହୋଇ ପାରିବ ଏବଂ ଜୀବନରେ ସଫଳତା ପାଇଁ କଠିନ ପରିଶ୍ରମ ଏକାନ୍ତ ଆବଶ୍ୟକ ରହିଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ




ପ୍ରକାଶ କରିଥିଲେ। ପ୍ରଦର୍ଶନୀ ଉଦ୍‌ଘାଟନ ସହ ପ୍ରଦର୍ଶନ, ପିଏମ୍‌ଶ୍ରୀ ବିଦ୍ୟାଳୟ ପ୍ରାଚୀର ପତ୍ରିକା, ଜ୍ଞାନ କାନ ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭାଗିରଥୀ ବେହେରା ପ୍ରମୁଖ ମଞ୍ଚାସୀନ ରହିଥିଲେ। ଶିକ୍ଷକ ଦେବରାଜ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଏହାର ସଫଳ ରୂପାୟନ ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଲକାନଗିରି ମମତା ସୟ, ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ବାରୋଇ ,ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଥିଲି ସୁମିତ ବିଶ୍ୱାସ, ଗୋଷ୍ଠୀ ଶିକ୍ଷା ଅଧିକାରୀ କୋରକଣ୍ଡା ଗାୟତ୍ରୀ ଦେବୀ, ବିଜ୍ଞାନ ନିରିକ୍ଷକ ଜଗନ୍ନାଥ ବେହେରା, ସନ୍ଦିପ ଦାଶ, ଜଗଦୀଶ ସେଠୀ, ଅନନ୍ତ ବେହେରା, ଦୀନବନ୍ଧୁ ବେଜ, ସନାତନ ପ୍ରଧାନ, ମନୋଜ ମହାପାତ୍ର ,ଜିତୁ ରଂଜନ ସ୍ୱାଇଁ, ଚତୁର୍ଭୁଜ ଦାଶ, ଶରତ କୁମାର ଦାଶ, ବାସୁଦେବ ପଣ୍ଡାଙ୍କ ସହିତ ନୋଡ଼ାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ମାନଙ୍କର ସହଯୋଗ ରହିଥିଲା।

■ ଆଜି ବସନ୍ତ ପଞ୍ଚମୀରେ ଦେବୀଙ୍କ ପୂଜାର୍ଚ୍ଚନା

# ତୂଳୀର ଶେଷ ସ୍ପର୍ଶରେ ବିଦ୍ୟାଦାତ୍ରୀ ବୀଣାପାଣି



ଜୟପୁର, ୨୨।୧ (ସମିସ) : ଶୁକ୍ରବାର ବସନ୍ତ ପଞ୍ଚମୀ। ଅନୁଷ୍ଠିତ ହେବ ବିଦ୍ୟାଦାତ୍ରୀ ଦେବୀ ବୀଣାପାଣିଙ୍କ ପୂଜାର୍ଚ୍ଚନା । ଏଥିପାଇଁ ଜୟପୁର ସହର, ବଜାର ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ, ସଂଗୀତ ପ୍ରତିଷ୍ଠାନ ଗୁଡିକ ଚଳଚଞ୍ଚଳ ହୋଇଉଠିଛି। ଦେବୀ ସରସ୍ୱତୀଙ୍କ ମୂର୍ତ୍ତି କିଣିବା ପାଇଁ ବିଭିନ୍ନ ମୂର୍ତ୍ତି କାରିଗରଙ୍କ ନିକଟରେ ଭିଡ଼ ଦେଖିବାକୁ ମିଳିଛି। ମୂର୍ତ୍ତି କାରିଗରମାନେ ମୃଣ୍ମୟ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟକୁ ଆଣିଥିବା ବେଳେ ତୂଳୀର ଶେଷ ସ୍ପର୍ଶ ଦେବା ପରେ ବିକ୍ରି ଆରମ୍ଭ ହୋଇଛି। ଦେବୀ ସରସ୍ୱତୀଙ୍କ ମୂର୍ତ୍ତୀ ୫୦୦ ଟଙ୍କାରୁ ନେଇ ଆକାର ଅନୁଯାୟୀ ୬ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ସହରରେ ମୂର୍ତ୍ତି କାରିଗର ମାଟିରେ ନିର୍ମିତ ମୂର୍ତ୍ତି ବିକ୍ରି କରୁଛନ୍ତି। ଜୟପୁର ସହରରେ ଦେବୀଙ୍କ ପୂଜାର୍ଚ୍ଚନା ଏବଂ ହୋମଯଜ୍ଞ ପାଇଁ ବଜାରରେ ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନର ଆୟୋଜକମାନେ ପୂଜା ସାମଗ୍ରୀ ସମେତ ସାଜସଜ୍ଜା ସାମଗ୍ରୀ କ୍ରୟ ନେଇ ଭୀଡ ଦେଖିବାକୁ ମିଳିଛି । ପୂଜା ପାଇଁ ନଡିଆ, କଦଳୀ, ଫଳ ଗୁଡିକର ଦର ମଧ୍ୟ ସାମାନ୍ୟ ବୃଦ୍ଧି ପାଇଛି। ସହରରେ ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟ, ସଂଗୀତ ପ୍ରତିଷ୍ଠାନ ସହ ବିଭିନ୍ନ ପ୍ରତିଷ୍ଠାନ ଗୁଡିକରେ ଦେବୀ ବୀଣାପାଣିଙ୍କ ପୂଜା ଶୁକ୍ରବାରରେ ଆଡମ୍ବର ସହିତ ପାଳନ ହେବ। ଏହି ପବିତ୍ର ଦିବସରେ ବିଦ୍ୟାଳୟ ଗୁଡିକରେ ଛୋଟ ପିଲାମାନଙ୍କ ବିଦ୍ୟା ଶୁଭାରମ୍ଭ ହୋଇଥାଏ। ତେଣୁ ଛୋଟଛୁଆ ମାନଙ୍କ ଅଭିଭାବକ ମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି।

# ଅନାସ୍ଥାରେ ହାରିଲେ ଗୁଡାରୀ ବ୍ଲକ୍ ଅଧ୍ୟକ୍ଷା !



ଗୁଡାରି,୨୨।୧(ସମିସ): ଅନାସ୍ଥା ଭୋଟରେ ଗୁଡ଼ାରି ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କ ଶୋଚନୀୟ ପରାଜୟ ହୋଇଛି। ଗୁଣପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତ ୧୩ ତାରିଖରେ ବିଜ୍ଞପ୍ତି ପ୍ରକାଶନ ଅନୁଯାୟୀ ଚଳିତ ମାସ ୨୨ ତାରିଖ ଦିନ ଭୋଟ ଗଣତି ପାଇଁ ବିଧିବଦ୍ଧ ନୋଟିସ ଜାରି କରାଯାଇଥିଲା। ଏହାର ଫଳାଫଳକୁ ନେଇ ରାଜନୈତିକ ମହଲରେ ଉତ୍କଣ୍ଠା ବଢ଼ିବାରେ ଲାଗିଥିଲା। ଗୁରବାର ପୂର୍ବାହ୍ନ ୧୦ଟା ସମୟରେ ଗୁଣପୁର ଉପକୋଷାଗାର ଠାରେ ରଖାଯାଇଥିବା ବ୍ୟାଲେଟ୍ ବାକ୍ସକୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଗୁଡାରୀ ପରିଷଦ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢୀ ଏବଂ ଗୁଡ଼ାରୀ ଗୋଷ୍ଠୀ ଉନ୍ନୟନ ଅଧିକାର ସୁଶ୍ରୀ ସୁଚିସ୍ମିତା ବେହେରାଙ୍କ ଉପସ୍ଥିତିରେ ଗୁଡାରୀ ବ୍ଲକ୍ କାର୍ଯ୍ୟାଳୟକୁ ଅଣାଯାଇଥିଲା। ନିର୍ବାଚନ ଦାୟିତ୍ୱର ଥିବା ଏମ୍. ସ୍ନେହଲତାଙ୍କ ସମ୍ମୁଖରେ ବ୍ୟାଲେଟ୍ ବାକ୍ସ ଖୋଲାଯାଇ ଗଣତି କରାଯାଇଥିଲା। ଏହାକୁ ନେଇ ଦାୟିତ୍ୱାର ଥିବା ଏସ୍ ସ୍ନେହଲତାଙ୍କୁ ପଚାରି ବୁଝିବାରୁ ସେ କହିଛନ୍ତି, ଅଧ୍ୟକ୍ଷ ଲକ୍ଷ୍ମୀ ଶବର

## ବିରୋଧରେ ୧୬, ସପକ୍ଷରେ ଶୂନ୍

ବିପକ୍ଷରେ ୧୬ ଜଣ ଭୋଟ ଦେଇଛନ୍ତି। ଏଣୁ ଏହାକୁ ଉପ-ଜିଲ୍ଲାପାଳଙ୍କ ପାଖରେ ଦାଖଲ କରାଯିବ। ଫଳାଫଳ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପ୍ରକାଶ ପାଇବ । ବ୍ଲକ୍ ଉପାଧ୍ୟକ୍ଷ ବିଶ୍ୱନାଥ ଶବର କହିଛନ୍ତି ଗୁଡାରୀ ବ୍ଲକ୍ ପ୍ରତିଷ୍ଠା ଠାରୁ କୌଣସି ବ୍ଲକ୍ ଅଧ୍ୟକ୍ଷଙ୍କ ବିରୋଧରେ ଏଭଳି ଅନସ୍ଥା ଆସିବା ପ୍ରଥମ ଘଟଣା। ଯାହା ଆଶା କରାଯାଉଥିଲା ତାହା ସଫଳ ହୋଇଛି। ଅନ୍ୟପଟେ ଗୁଣପୁର ମ୍ୟୁନିସିପାଲଟି ଉପାଧ୍ୟକ୍ଷ ସାନଗୌଡ଼ଙ୍କୁ ଭୁରି ଭୁରି ପ୍ରଶଂସା କରିଛନ୍ତି। ତାଙ୍କ ପ୍ରଚେଷ୍ଟା ବଳରେ ଏତେ ବଡ ବିଜୟ ହାସଲ କରିଛୁ ବୋଲି ସେ କହିବା ସହ ଲକ୍ଷ୍ମୀ ଶବର ବିଜେଡି ଦଳରୁ ଅଧ୍ୟକ୍ଷ ହୋଇଥିଲେ, ତାଙ୍କର ଦଳ ବିରୋଧି କାମ ଏବଂ ବ୍ଲକ୍‌ର ସମିତି ସଭ୍ୟ, ସରପଞ୍ଚଙ୍କୁ ଅଣଦେଖା ତାଙ୍କୁ ମହଙ୍ଗା ପଡିଛି। ସେ ସେହି ଦଳରୁ ଉପାଧ୍ୟକ୍ଷ ଭାବେ ଆସିଛନ୍ତି। ଆଜି ପର୍ଯ୍ୟନ୍ତ ଅନ୍ୟ କଥାରେ ପଡ଼ି ଦଳ ବିରୋଧୀ କାମ କରି ନାହାନ୍ତି। ଅନ୍ୟ ଦଳର ସମିତି ସଭ୍ୟ, ସରପଞ୍ଚଙ୍କୁ ନେଇ ଆଗକୁ ବଢିବେ ବୋଲି ସେ କହିଥିଲେ। ଦଳ ବିରୋଧି କାର୍ଯ୍ୟରତ ନେତା କର୍ମୀଙ୍କ ପାଇଁ ଏହା ଏକ ଶକ୍ତ ଚାପୁଡ଼ା ବୋଲି କୁହାଯାଇଛି।

# କାୟକଳ୍ପ ଦଳର ପଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



ପଟ୍ଟାଙ୍ଗି,୨୨।୧(ସମିସ): ତିନି ଜଣିଆ କାୟକଳ୍ପ ଦଳ କୋରାପୁଟ ଜିଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଟ୍ଟାଙ୍ଗିକୁ ଗସ୍ତ କରି କାୟକଳ୍ପ ଯୋଜନାର ମୂଲ୍ୟାଙ୍କନ କରିଥିଲେ। ଏହି ଗସ୍ତ ସମୟରେ ରାଜ୍ୟରୁ ଆସିଥିବା ଅଧିକାରୀ ଗଣ ତଥା ଆର୍‌ଆର୍‌ଟି ଓ ଆଇଡିଏସପି ସେଲର ମୁଖ୍ୟ ଡ. ସୁରଜିତ ଗରାବଡୁ, ୟୁନିସେଫ କନ୍‌ସଲ୍‌ଟାଣ୍ଟ ଡ ଅନିଲ କୁମାର ପଟ୍ଟନାୟକ, ବର୍ଜ୍ୟବସ୍ତୁ ପରିଚାଳନା ପରାମର୍ଶଦାତା ସୌମ୍ୟକାନ୍ତ ପାତ୍ର ଏବଂ ତାଙ୍କ ସହ ଜିଲ୍ଲାର କ୍ୱାଲିଟି ଆସ୍ୟୁରାନ୍ସ ଆସିଷ୍ଟାଣ୍ଟ ମ୍ୟାନେଜର ପୂର୍ଣ୍ଣଚନ୍ଦ୍ର ଭୋଇ ଉକ୍ତ ଗସ୍ତ ସମୟରେ ଉପସ୍ଥିତ ରହିଥିଲେ। ଅଧିକାରୀ ଗଣ ବର୍ହି ବିଭାଗ, ଅର୍ନ୍ତ ବିଭାଗ, ରୋଗୀ ବିଭାଗ ଆଦି ସ୍ଥାନରେ ଗୁଣାତ୍ମକ ସେବା ଉପଲବ୍ଧ, ଜୈବିକ ବର୍ଜ୍ୟବସ୍ତୁ ପରିଚାଳନା, ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ପରିଷ୍କାର ପରିଛନ୍ନତା ଆଦିକୁ ଯାଞ୍ଚ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଭାଗବତ ମୁର୍ମୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା। ଏହି ସମୟରେ ଡ.ସୁଜାତା ବାରିକ, ଡ. ଇତିଶ୍ରୀ ସାମଲ, ଡ.ସଦିଚ୍ଛା ମହାନ୍ତି, ଡ.ବିକାଶ ଶର୍ମା, ଡ. ରାକେଶ କୁମାର ବିଶ୍ୱାଳ, ଡ. ସତତ ରୁଦ୍ର ଦାସ, ଡ. ଦିନେଶ କୁମାର ତ୍ରିପାଠୀ, ପିଏଚଇଓ ଆରତୀ ଗୁଡ଼ିଆ, ବିପିଏମ୍ ମଧୁଲିକା ପାଢ଼ୀ, ଫାର୍ମାସୀ ଅଫିସର ରଞ୍ଜିତ କୁମାର ସ୍ୱାଇଁ, ଏଲ୍‌ଟି ପୂଜାରାଣି ସ୍ୱାଇଁ, ବାମ୍ ସହଦେବ ଖରା, ବିଡିଏମ୍ ସନ୍ତୋଷ କୁମାର ଦାସ୍, ଏମ୍‌ଆର ଏ ମୁରଲୀ ଚୌଧୁରୀ, ରଞ୍ଜିତ ଚୌଧୁରୀ, ଏଲଏଚବି ମେନକା ଦେଇ, ହେଲ୍‌ଥ ସୁପର ଭାଇଜର ବଦ୍ରିନାରାୟଣ ତ୍ରିପାଠୀ ପ୍ରମୁଖ କର୍ମଚାରୀ ଉପସ୍ଥିତ ରହିଥିଲେ। ଦୀର୍ଘ ୫ ବର୍ଷ ଧରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଟ୍ଟାଙ୍ଗି ରାଜ୍ୟ ସ୍ତରରେ ପୁରସ୍କୃତ ହୋଇ ଆସୁଥିଲା।

# ଏକଲବ୍ୟ ମଡେଲ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାପାଳଙ୍କ ସମ୍ବର୍ଦ୍ଧନା



ନବରଙ୍ଗପୁର,୨୨।୧(ସମିସ): ପଞ୍ଚାୟତିରାଜ ମନ୍ତ୍ରଣାଳୟଦ୍ୱାରା ଆୟୋଜିତ ଆଦର୍ଶ ଯୁବ ଗ୍ରାମ ସଭାରେ ଉଲ୍ଲେଖନୀୟ ସଫଳତା ତଥା ଭାରତବର୍ଷରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବାରୁ ଗୁରୁବାର ଦିନ ନବରଙ୍ଗପୁର ହିର୍ଲି ସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଅଧ୍ୟକ୍ଷାଙ୍କୁ ଜିଲ୍ଲାପାଳ ନବରଙ୍ଗପୁର ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ନବରଙ୍ଗପୁର ସମ୍ମାନିତ କରିବା ସହିତ ଆଗାମୀ ଜୀବନରେ ଛାତ୍ରଛାତୀମାନେ କେମିତି ଅଧିକରୁ ଅଧିକ ସଫଳତା ଅର୍ଜନ କରିବେ ସେ ପାଇଁ ଉତ୍ସାହିତ କରିବା ସହିତ ମାର୍ଗଦର୍ଶନ କରିଥିଲେ।

# ଜିଲ୍ଲାସ୍ତରୀୟ ଶିଶୁ କନ୍ୟା ଦିବସ



ନବରଙ୍ଗପୁର,୨୨।୧(ସମିସ): ଜାତୀୟ ଶିଶୁ କନ୍ୟା ସପ୍ତାହ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ନବରଙ୍ଗପୁର ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ମିଳିତ ସହଯୋଗରେ ଗୁରୁବାର ନବରଙ୍ଗପୁର ମିଶନ ଶକ୍ତି ସଭାଗୃହ ଠାରେ ଜିଲ୍ଲା ସ୍ତରୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦିବସର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ନବରଙ୍ଗପୁର ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର ଯୋଗ ଦେଇ ନିଜ ବକ୍ତବ୍ୟରେ ନାରୀ ମାନଙ୍କର ଶିକ୍ଷା ଓ ବାଲ୍ୟ ବିବାହକୁ ରୋକିବା, ଘରୋଇ ହିଂସାକୁ ରୋକିବାରେ ପାଇଁ ବ୍ୟାପକ ଜନ ସଚେତନତା ଓ ଆଇନଗତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ୟୁନିସେଫ ଜିଲ୍ଲା ସଂଯୋଜକ ଫକୀର ଚରଣ ରାଉତଙ୍କ ସଂଯୋଜନାରେ ହୋଇଥିବା ଏହି ସମାବେଶରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର , ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ପୋଲିସ ଉପ ଅଧୀକ୍ଷକ ସରଜୋ ପୁନମ କିସ୍ପୋଟା , ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ରମା ପଟ୍ଟନାୟକ, ଲିଙ୍ଗ ସମ୍ବେଦନଶୀଳତା ବିଶେଷଜ୍ଞ ମମତା ପରିଚ୍ଛା ,ନବରଙ୍ଗପୁର ମହା ବିଦ୍ୟାଳୟ ଅଧ୍ୟାପିକା ସଂଗୀତା ତ୍ରିପାଠୀ ,ସମାଜ ସେବୀ ମନୋରମା ମାଝି, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ୍ୟ ଅଜନ୍ତା ପ୍ରିୟଦର୍ଶିନୀ, ସିଡିପିଓ ସସ୍ମିତା ମହାନ୍ତି, ବିରଜାରଜା ମୋହିନୀ ପାଙ୍ଗି , ବିନୀତା ଜେଠୀ, ଅନୁଷ୍ଠାନ ଯତ୍ନ ଅଧିକାରୀ କୁନିମଣୀ ସ୍ୱାଇଁ , କାଉନସେଲର ଶର୍ମିଷ୍ଠା ଦେଓ, ୱାନଷ୍ଟପ ସେଣ୍ଟର ପକ୍ଷରୁ ରଞ୍ଜିତା ସାହୁ , ଆଇନଜୀବୀ କିଶୋରୀ ପଟ୍ଟନାୟକ, ମହିଳା ସଶକ୍ତି କରଣ ହବ୍‌ର ସଂଯୋଜିକା ସରିତା ରାଣୀ ପାଣି, ଆର୍ଥିକ ସାକ୍ଷରତା ବିଶେଷଜ୍ଞ ସସ୍ମିତା ପାତ୍ର , ଲିଙ୍ଗ ସମ୍ବେଦନଶୀଳତା ବିଶେଷଜ୍ଞ ପ୍ରୀତି କୁମାରୀ ବାଘ ପ୍ରମୁଖ୍ୟ ବକ୍ତା ମାନେ ସମାଜରେ ମହିଳା ମାନଙ୍କର ସମସ୍ୟା, ବିଶେଷକରି କିଶୋରୀ ବାଳିକା ମାନେ ସେମାନଙ୍କ ଜୀବନରେ ଯେଉଁ ସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହାକୁ ଦୃଢ ଭାବରେ ମୁକାବିଲା କରି ଆଗକୁ ଚାଲିବା ସହିତ , ସେମାନଙ୍କର ମାନବିକ ଅଧିକାରକୁ ଅକ୍ଷୁର୍ଣ୍ଣ ରଖିବା,ସମସ୍ତ ଶିଶୁ କନ୍ୟା ମାନେ ଯେପରି ସମାନ ଭାବରେ ଶିକ୍ଷା ପାଇପାରିବେ ଏହି ସବୁ ବିଷୟରେ ଆଲୋଚନା କରିଥିଲେ। ଶେଷରେ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ୬ ଜଣ କିଶୋରୀମାନଙ୍କୁ ଉପଢୌକନ ଏବଂ ମାନପତ୍ର ଦେଇ ଅତିରିକ୍ତ ଜିଲ୍ଲାପାଳ ସମ୍ମାନିତ କରିଥିଲେ।

# ରାଜା ଚୈତନ୍ୟ ଦେବ ହାଇସ୍କୁଲ ପୁରାତନ ଛାତ୍ରଙ୍କ ସମାବେଶ



ନବରଙ୍ଗପୁର,୨୨।୧(ସମିସ): ନବରଙ୍ଗପୁର ରାଜା ଚୈତନ୍ୟ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୪ ମସିହା ମାଟ୍ରିକ୍ ଛାତ୍ର ମାନଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ପାତ୍ରମୁଣ୍ଡା ନିକଟ ମା’ ବନଦୂର୍ଗା ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ରହୁଥିବା ପୁରାତନ ଛାତ୍ର ସାଥୀ ମାନେ ଯୋଗଦେଇ ପୁରୁଣା ସ୍ମୃତି ସହ ନିଜ ନିଜ ଭାବର ଆଦାନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରରେ ରବି ପ୍ରସାଦ ଶତପଥୀ, ରାମ ପ୍ରସାଦ ପାତ୍ର, ଅର୍ଜୁନ ତ୍ରିପାଠୀ, ତ୍ରିପତୀ ବାଲାଜୀ ସାହୁ, ରବୀନ୍ଦ୍ର ଲେଙ୍କା, ନାଜିବୁଲ୍ଲା ଖାନ୍, ସୀମାଞ୍ଚଳ ରଥ, କପିଳେନ୍ଦ୍ର ପୂଜାରୀ, ଗୋପାଳ ଚନ୍ଦ୍ର ପାତ୍ର, ଗୋପୀନାଥ ଜାନୀ, ପ୍ରଦୀପ କୁମାର ତ୍ରିପାଠୀ, ଅଶୋକ ମହାନ୍ତି, ଲିଙ୍ଗରାଜ ମାଝୀ, ସୁବାସ ଚନ୍ଦ୍ର ନାୟକ, ପଦ୍ମନାଭ ଭଳ, ଚିତ୍ତରଞ୍ଜନ ବେହେରା, ଗୋବିନ୍ଦ ହଡ଼ପ, ଶରତ ଦାଶ, ସୁରେଶ ପଟ୍ଟନାୟକ, ନବ କିଶୋର ଟାକ୍ରୀ, ସୁଧାଂଶୁ ଖୋସଲା, ରମଣୀ ତ୍ରିପାଠୀ, ଆଇ. ଭି. ନାଗରାଜା, ସୁବ୍ରତ ଚୌଧୁରୀ, ପ୍ରତାପ ରଥ, ଏନ୍ ସୁବା ରାଓ, ଦିଲାୱାର କାଦରିଆ, ବିବେକାନନ୍ଦ ପଣ୍ଡା, ମହମ୍ମଦ ସାବିର୍, ପ୍ରସନ୍ନ ପାଢ଼ୀ, ବିଜୟ ସାରଥୀ ଦାରା, ଦେବରାଜ ମହାପାତ୍ର, ଚିତ୍ତରଞ୍ଜନ ବେହେରା, ରମେଶ ଚନ୍ଦ୍ର ପଟ୍ଟନାୟକ, ରବି ପ୍ରସାଦ ଖଣ୍ଡୁଲା, ବି. ବିଜୟ କୁମାର, ବାନାମ୍ବର ପଣ୍ଡା, ତୁଷାର ଗୁରୁ, ମାନ ଗୋବିନ୍ଦ ଦାଶ, କରେଶ ରାଉତ, ବିଚିତ୍ରାନନ୍ଦ ସ୍ୱାଇଁ, ପି. ଭାସ୍କର, ଭି. ରମେଶ, ଭେଙ୍କେଟ, ରାଜୀବ ଶେଖର ପାଢ଼ୀ, ବି. ଭେଙ୍କେଟ ରାଓ, କିଶୋର ଚନ୍ଦ୍ର ବ୍ରହ୍ମା, କାଳୀ ପ୍ରସାଦ ମିଶ୍ର, ଯୋଗେନ୍ଦ୍ର ଚୌଧୁରୀ, ବିରେନ୍ଦ୍ର ମୋହନ ନାୟକ, ରାଜୀବ ଓ ସମରେଶ ଗନ୍ତାୟତ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

● ତିନି ବିଭାଗର ରାତିଅଧିଆ ଚଢ଼ଉ

# ୧୮ ଟିପ୍ପର, ଜେସିବି ଜବତ



କୋଷାଗୁମୁଡ଼ା,୨୨।୧(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ଭାସ୍କେଲ ନଦୀର ଅଣଲିଜ ଅଞ୍ଚଳରୁ ବାଲି ମାଫିଆମାନେ ବେଧଡ଼କ ବାଲି ଚୋରାଚାଲାଣ କରୁଛନ୍ତି। ବାରମ୍ବାର ଏଭଳି ଖବର ପ୍ରସାରଣ ଓ ଖଣି ବିଭାଗର ଚଢ଼ଉ ପରେ ମଧ ଚୋରା ଚଲାଣ ଥମିବାର ନାଁ ନେଉନଥିଲା। ଗତକାଲି ନବରଙ୍ଗପୁର କନିଷ୍ଠ ଖଣି ଅଧିକାରୀ ସୁଧୀର ପ୍ରଧାନ, ସୌମ୍ୟରଞ୍ଜନ ସାହୁ, କୋଡ଼ିଙ୍ଗା ତହସିଲଦାର ତୁଳା ମୁଦୁଲି, ଅତିରିକ୍ତ ତହସିଲଦାର ତ୍ରିଲୋଚନ ନାୟକ, କୋଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବର, କୋଷାଗୁମୁଡା ଥାନାଧିକାରୀ ଉମେଶଚନ୍ଦ୍ର ନାୟକ, ଏଏସଆଇ ହିମିଲଟନ ମାଝୀ ପ୍ରମୁଖ ୩ ବିଭାଗର ଅଧିକାରୀମାନେ ମିଳିତ ଭାବେ ଆତର୍କିତ ଚଢ଼ଉ କରି ବଡ଼ଗୁମୁଡା ନିକଟ ଭାସ୍କେଲ ନଦୀର ଅଣଲିଜ ବାଲି ସୌରାତରୁ ବାଲି ଚୋରା ଚଲାଣ ବେଳେ ୧୮ ଟିପ୍ପର ଓ ଗୋଟିଏ ଜେସିବି ଜବତ କରିଛନ୍ତି। ୩ଟି ବାଲି ଭର୍ତ୍ତି ଟିପ୍ପର କୋଡ଼ିଙ୍ଗା ଥାନାରେ ରଖାଯାଇଥିବାବେଳେ ଅନ୍ୟ ଗାଡିକୁ ବାଲି ଘାଟରେ ଜବତ ରଖାଯାଇଥିବା ଖଣି ଅଧିକାରୀ ସୁଧୀର କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଆଗକୁ ଏଭଳି ରାତି ଅଧିଆ ମିଳିତ ଚଢ଼ଉ ଜାରିରହିବ ବୋଲି ମଧ ସୂଚନା ଦେଇଛନ୍ତି। ଏହି ରାତି ଅଧିଆ ଚଢ଼ଉରେ ବାଲି ମାଫିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। କୋଷାଗୁମୁଡା ବ୍ଲକର ଜୀବନରେଖା ହେଉଛି ଭାସ୍କେଲ ନଦୀ। ଏହି ନଦୀ ବର୍ତ୍ତମାନ ନଭେମ୍ବର ମାସରୁ ଶୁଖିଲା ଦିଶୁଛି। ଭୋର ଖରା ସମୟରେ ଭାସ୍କେଲ ନଦୀରେ କେବଳ ବାଲି ଓ ଗୋଡି ପଥର ଦେଖିବାକୁ ମିଳୁଛି। ଏହାର ମୁଖ୍ୟ କାରଣ ହେଲା ନଦୀରୁ ବେଧଡକ ବାଲି ଚାଲାଣ। ଆଗକୁ କଣ ଭାସ୍କେଲ ନଦୀ ଶୁଖିଲା ରହିବ କି ବୋଲି ବୁଦ୍ଧିଜୀବୀ ଓ ସମାଜସେବୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।

# ଆର୍‌ଏସ୍‌ଏସ୍‌ର ହିନ୍ଦୁ ସମ୍ମିଳନୀ କାର୍ଯ୍ୟକ୍ରମ

ଗୁଡାରୀ,୨୨।୧(ସମିସ): ଗୁଡ଼ାରୀ ରାଷ୍ଟ୍ରୀୟ ସେବକ ସଂଘ ପକ୍ଷରୁ ହିନ୍ଦୁ ସମ୍ମିଳନୀ କାର୍ଯ୍ୟକ୍ରମ ଗୁଡାରୀ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଗୁରବାର ଦିନ ଅନୁଷ୍ଠିତ ହୋଇଯାଇଛି। ସନାତନ ଧର୍ମ ବା ହିନ୍ଦୁ ଧର୍ମକୁ ସୁରକ୍ଷା ଦେବା ଏହାର ମୂଳ ଉଦ୍ଦେଶ୍ୟ ଥିଲା। ଗୁରବାର ଦିନ ସକାଳ ଠାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ନାମଯଜ୍ଞ ସହ ଘୃତଯଜ୍ଞ ଚାଲିଥିଲା। ଏହି ଯଜ୍ଞରେ ସହରର ପ୍ରତ୍ୟେକ ହିନ୍ଦୁ ପରିବାର ଯୋଗ ଦେଇ ଦେଇଥିଲେ। କାର୍ଯ୍ୟକ୍ରମରେ ତିନୋଟି ଜିଲ୍ଲାର ବିଭାଗ ପ୍ରଚାରକ ଚକ୍ରଧର ରାଓ ଯୋଗ ଦେଇଥିଲେ। ହିନ୍ଦୁ ସଂଗଠନ ଏବଂ ପଞ୍ଚତତ୍ୱ ଉପରେ ନିଜର ଟିପ୍ପଣି ରଖିଥିଲେ। ସଂଘର ମାଲୁ ବାରିକ, କିରଣ ଦୋୟନନ୍ଦ, ନେତ୍ରା ନନ୍ଦ, କୃଷ୍ଣ ସାହୁ, ଏସ.ତିରୁମୁଲା, ବି.ତିରୁମୁଲା, ଗଦାଧର ମୁଗୁଲି, ହରିହର ମହାରଣ. ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୂଚାରୁ ରୁପେ ତୁଲାଇଥିଲେ। ଏଥିରେ ଗାୟତ୍ରୀ ପରିବାର, ଓମ୍‌ଶାନ୍ତି, ଜୟଗୁରୁ, ଗୁରୁଅର୍ଜୁନ ସହଯୋଗ କରିଥିବା ଦେଖିବାକୁ ମିଳିଛି।

# ଜ୍ଞାନଦୀପ କାର୍ଯ୍ୟକ୍ରମ ଉଦ୍‌ଯାପିତ



କୋରାପୁଟ,୨୨।୧(ସମିସ): କୋରାପୁଟ ଜିଲ୍ଲାରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ତଥା ଆସନ୍ତା ବାର୍ଷିକ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଉନ୍ନତ ମାନର ଫଳ ପ୍ରାପ୍ତି କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନର ନିଜସ୍ୱ ପ୍ରଚେଷ୍ଟାରେ ଜ୍ଞାନଦୀପ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସେହିକ୍ରମରେ ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ୫ ଦିନିଆ ଶିବିର ଉଦ୍‌ଯାପିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଏବଂ ଆଇଏଏସ ପ୍ରୋବେସନାରୀ ସନ୍ତୋଷ କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ସହ ଶିବିର ସମ୍ପର୍କରେ ଆଲୋଚନା କରିବା ସହ ଆସନ୍ତା ବାର୍ଷିକ ପରୀକ୍ଷା ପାଇଁ ଶୁଭ କାମନା ଦେଇଛନ୍ତି। ଏହି ଶିବିରରେ ୧୫୩ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ୫ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନେ ଶିକ୍ଷା ଗ୍ରହଣ କରିବା ସହ ଯୋଗଭ୍ୟାସ କରାଯାଇଥିଲା। ସେମାନଙ୍କୁ ପରୀକ୍ଷାର ଚାପରୁ ମୁକ୍ତ କରିବା ପାଇଁ ବିଭିନ୍ନ ପ୍ରକାର ଟିପ୍ସ ପ୍ରଦାନ କରାଯାଇଛି। ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ପିଏମ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନେ ଅବସ୍ଥାନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ୩୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଶିବିରରେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସନ୍ଦେହ ମୋଚନ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚାମେଲି ମଜୁମଦାର ଏବଂ ବିଜ୍ଞାନ ପରିଦର୍ଶକ ଅନନ୍ତ ଦଳପତି ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

# ବିଷମକଟକରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା

ବିଷମ କଟକ,୨୨।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଷମ କଟକ ତହସିଲଦାର କେ.ଭେଙ୍କେଟେଶ୍ୱର ରେଡି ଯୋଗ ଦେଇ ବିଜ୍ଞାନ ମେଳାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନର ଭରାପ୍ରାପ୍ତ ଅଧକ୍ଷ



ଜଗନ୍ନାଥ ମେହେର, ମା’ ମାର୍କମା ଯୁକ୍ତ ଦୁଇ ମହାବିଦ୍ୟାଳୟର ଆଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା, ବିଷମକଟକ ବ୍ଲକ କୃଷି ଅଧିକାରୀ ଘନଶ୍ୟାମ ହାଇବ୍ରୁ, ବିଷମକଟକ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦୀପ୍ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ବ୍ଲକସ୍ତରୀୟ ଆୟୋଜିତ ବିଜ୍ଞାନ ମେଳାରେ ବିଭିନ୍ନ ବିଦ୍ୟାଳୟର ମୋଟ ୫୫ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବିଜ୍ଞାନ ମେଳାରେ ପ୍ରଥମ ସ୍ଥାନରେ ଦୁର୍ଗୀ ଉଚ୍ଚ ମଧ୍ୟମିକ ବିଦ୍ୟାଳୟର ସନାଲି ବେଡେକା, ଦ୍ୱିତୀୟ ସ୍ଥାନରେ ଢୁକୁମ ସେବାଶ୍ରମର ଚାନ୍ଦିନୀ ଜାକାସିକା ଓ ତୃତୀୟ ସ୍ଥାନରେ ଚାଟିକୋଣା ନିୟମଗିରି ସହକାରୀ ଉଚ୍ଚ ମଧ୍ୟମିକ ବିଦ୍ୟାଳୟର ତାନୁଷ୍ଣା ଚୌଧୁରୀ ସ୍ଥାନ ପାଇଛନ୍ତି। ଆଜିର ବିଜ୍ଞାନ ମେଳାରେ ବିଷମ କଟକ ସହକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନଳିନୀ ରଣା, ସନ୍ଧ୍ୟାରାଣୀ ପାତ୍ର, ପ୍ରଶ୍ନ କୁମାର ବିଶ୍ୱାଳ, ଦେବକୁମାର ଖରା, ମୀନକେତନ ରାଉତ, ଅଭୟ କୁମାର ରଣା, ଗଦାଧର ଶବର, ଭଜରାଜ ରଣା, ପାଟିନା ଗମାଙ୍ଗ, ନରେଶ ଶବର ଓ କୈଳାସ ପ୍ରଧାନ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତି ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ସୁନ୍ଦର ସିଂ ମାଝୀ ମଞ୍ଚକୁ ପରିଚାଳନା କରିଥିଲେ।

## ଶିକ୍ଷାକ୍ଷେତ୍ରରେ ତେନ୍ତୁଳିଖୁଣ୍ଟିକୁ ଅବହେଳା

# ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟକୁ ଅତିରିକ୍ତ ଦାୟିତ୍ୱ ଭରସା

ତେନ୍ତୁଳିଖୁଣ୍ଟି,୨୨।୧(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍‌କୁ ଶିକ୍ଷା କ୍ଷେତ୍ରରେ ଚରମ ଅବହେଳା କରାଯାଉଥିବା ଅଭିଯୋଗ ହେଉଛି । ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କେବଳ ଅତିରିକ୍ତ ଦାୟିତ୍ୱଧାରୀ ସରକାରୀ ବାବୁ ହିଁ ଭରସା ହୋଇଛନ୍ତି । ଜଣେ ପରେ ଜଣେ ସରକାରୀ ବାବୁ ବଦଳୁଛନ୍ତି। କିନ୍ତୁ ଯେଉଁ ଅଧିକାରୀଙ୍କୁ ତେନ୍ତୁଳିଖୁଣ୍ଟି ଦାୟିତ୍ୱ ମିଳୁଛି ସେ ନିହାତି ଅନ୍ୟ ଗୋଟିଏ ବ୍ଲକର ଦାୟିତ୍ୱରେ ଥାଇ ଅତିରିକ୍ତ ଦାୟିତ୍ୱ ଭାବରେ ତେନ୍ତୁଳିଖୁଣ୍ଟି କାର୍ଯ୍ୟ ତୁଲାଇ ଆସୁଛନ୍ତି। ନବରଙ୍ଗପୁର ଜିଲ୍ଲାର ଅନ୍ୟ ବ୍ଲକ ତୁଳନାରେ ଶିକ୍ଷା କ୍ଷେତ୍ରରେ ତେନ୍ତୁଳିଖୁଣ୍ଟି ବ୍ଲକ ପାଇଁ ଅଧିକ ଯତ୍ନବାନ ହେବାର ଆବଶ୍ୟକତା ରହିଥିବା ବେଳେ ଶିକ୍ଷା ବିଭାଗର ଏଭଳି ନୀତିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ତେନ୍ତୁଳିଖୁଣ୍ଟି ଗୋଷ୍ଠି ଶିକ୍ଷା ଅଧିକାରୀ ଭାବରେ ସୁଦୀପ୍ତ କୁମାର ଦାସ ଦାୟିତ୍ୱରେ ଥିବା ବେଳେ ତାଙ୍କୁ ପାପଡାହାଣ୍ଡି ଗୋଷ୍ଠି ଶିକ୍ଷା ଅଧିକାରୀ ଦାୟିତ୍ୱ, ନବରଙ୍ଗପୁର ଆରସିଡ଼ି ବିଦ୍ୟାଳୟ ଅଧ୍ୟକ୍ଷ ଦାୟିତ୍ୱ ସମେତ ତେନ୍ତୁଳିଖୁଣ୍ଟି ବାପୁଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଭଳି ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିଭଳି ଶ୍ରୀ ଦାସଙ୍କ ପୂର୍ବରୁ ରମେଶ ରୋୟ ମାର୍ଚ୍ଚ ୨୦୨୪ ରୁ ଏପ୍ରିଲ ୨୦୨୫ ପର୍ଯ୍ୟନ୍ତ ଦାୟିତ୍ୱରେ ଥିବା ବେଳେ ସେ ମଧ ପାପଡାହାଣ୍ଡିର ବିଇଓ ଦାୟିତ୍ୱ ଅତିରିକ୍ତ ଭାବେ ତୁଲାଇଥିଲେ। ରମେଶ ରୋୟଙ୍କ ପୂର୍ବରୁ କିଛିଦିନ ବିଇଓ ପଦବୀ ଖାଲି ଥିବାରୁ ତତ୍କାଳୀନ ଅତିରକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋହନ ମଧୁସୂଦନ ବାଘ ଦାୟିତ୍ୱ ତୁଲାଇଥିଲେ। ଅକ୍ଟୋବର ୨୦୨୨ରୁ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ବିଇଓ ଦାୟିତ୍ୱରେ ଥିବା ସମରେନ୍ଦ୍ର ଭୌମିକ ମଧ ପାପଡାହାଣ୍ଡି ଏବଂ ତେନ୍ତୁଳିଖୁଣ୍ଟି ଉଭୟ ଦାୟିତ୍ୱ ତୁଲାଇଥିଲେ। ସେହିଭଳି ଶ୍ରୀ ଭୌମିକଙ୍କ ପୂର୍ବରୁ ଦାୟିତ୍ୱରେ ଥିବା ବୀରେନ୍ଦ୍ର କୁମାର ପାଢ଼ୀ ମଧ ଦୁଇଟି ଦାୟିତ୍ୱରେ ରହିଥିଲେ। ମେ ମାସ ୨୦୧୮ ମସିହାରୁ ଦାୟିତ୍ୱରେ ଥିବା ଟି ମିନତୀଙ୍କ ସମୟରେ କାର୍ଯ୍ୟାଳୟରେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ପଦବୀ ଗୁଡିକ ଖାଲି ରହିଥିଲା। ୨୦୧୮ ମସିହା ପରଠାରୁ ଲଗାତାର ଭାବରେ ତେନ୍ତୁଳିଖୁଣ୍ଟି ଶିକ୍ଷା ବିଭାଗକୁ ଅବହେଳା କରାଯାଇ କେବଳ ଅତିରିକ୍ତ ଦାୟିତ୍ୱ ଭରସାରେ ତେନ୍ତୁଳିଖୁଣ୍ଟି ଶିକ୍ଷା ବ୍ୟବସ୍ଥା ପରିଚାଳିତ ହୋଇଆସୁଛି । ତେନ୍ତୁଳିଖୁଣ୍ଟିରେ ଶିକ୍ଷାର ସୁପରିଚାଳନା ପାଇଁ ଅତିରିକ୍ତ ଦାୟିତ୍ୱ ବଦଳରେ କେବଳ ତେନ୍ତୁଳିଖୁଣ୍ଟି ପାଇଁ ଜଣେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ତ୍ରିବେଣୀ ମହୋତ୍ସବ ପ୍ରସ୍ତୁତି ବୈଠକ



ଚନ୍ଦ୍ରପୁର, ୨୨।୧(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡ଼ା ବଂଶଧାରା ନଦୀ ପାଶ୍ୱର୍ରେ ଆସନ୍ତା ଫେବୃୟାରୀ ମାସରେ ହେବାକୁ ଥିବା, ଶ୍ରୀମିନାଝୋଲା ଜାଗର ଯାତ୍ରା, ପରିସରରେ ଚତୁର୍ଥ ବାର୍ଷିକ ତ୍ରିବେଣୀ ମହୋତ୍ସବ ପାଳନ ନେଇ ପ୍ରସ୍ତୁତି ବୈଠକ ସହ ଚନ୍ଦ୍ରପୁର ପ୍ରେସ କ୍ଲବ୍‌ର ବନ୍ଧୁ ମିଳନ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ଏଥିରେ ପ୍ରେସ, କ୍ଲବର ଉପ ସଭାପତି, ଏସ ଈଶ୍ୱର ରାଓ, କୋଷାଧ୍ୟକ୍ଷ, ହାଡିପା ଗୌଡ, ସମ୍ପାଦକ ବିଜୟ ପ୍ରସାଦ ଉଲାକା, ସଭ୍ୟ ଭୀମ ଗାଗେରେଙ୍ଗା, କୈଳାସ, ମାଳବିଶଇ, ସୁନିଲ ବଳିଆର ପ୍ରେସ କ୍ଲବ୍ ଉପଦେଷ୍ଟା ଚନ୍ଦ୍ରଶେଖର ପଣ୍ଡାଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ବିଜୟ ପ୍ରସାଦ ଉଲାକା ପରିଚାଳନା କରିଥିଲେ।

# ଜୀବନଶୈଳୀ ଉପରେ ବିଜ୍ଞାନ ପ୍ରଦର୍ଶନୀ



କଲ୍ୟାଣସିଂହପୁର,୨୨।୧(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦରରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ପରିବେଶ ପାଇଁ ସ୍ଥାୟୀ ଜୀବନଶୈଳୀ ଉପରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଶିକ୍ଷା ଅଧିକାରୀ ମୋହନ ରାଓ କଣ୍ଡାଗରୀ, ବିଜୟୀ କୁମାର ସେଠୀ, ପଞ୍ଚଶଖା ଶିକ୍ଷାସେତୁର ସଭାପତି ଗୁଡୁଲ୍ଲା ନାଗେଶ, ସଦସ୍ୟ ମାନସିଂ ଗରଡ଼ିଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୪୧ଟି ବିଜ୍ଞାନ ପ୍ରଦର୍ଶନୀ କରିଥିଲେ। ଓଡିଶା ଆଦର୍ଶ ବିଦ୍ୟାଳୟର ରସାୟନ ବିଜ୍ଞାନ ଅଧ୍ୟାପିକା ସିକି ବେହେରା, ପଦାର୍ଥ ବିଜ୍ଞାନ ଅଧ୍ୟାପକ ବିଜୟୀ କୁମାର ପତ୍ରି, ଶିରିପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରସାୟନ ବିଜ୍ଞାନ ଅଧ୍ୟାପିକା ଏମ ଆଶା ମୁଗୁଲି ବିଚାରକ ଭାବେ ରହିଥିଲେ। ଏଥିରେ କୃତି ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ସହ ପ୍ରଥମ ସ୍ଥାନ ଅଧିକାରକୁ ୧୫୦୦ଟଙ୍କା, ଦ୍ୱିତୀୟ ସ୍ଥାନ ଅଧିକାରକୁ ୧୦୦୦ଟଙ୍କା, ତୃତୀୟ ସ୍ଥାନ ଅଧିକାରକୁ ୫୦୦ଟଙ୍କା ପ୍ରଦାନ କରିବା ସହ ସମସ୍ତ ପ୍ରତିଯୋଗୀଙ୍କୁ ବିଦ୍ୟାଳୟ ପକ୍ଷରୁ ପ୍ରମାଣ ପତ୍ର ଅତିଥିଙ୍କ ଦ୍ୱାରା ପ୍ରଦାନ କରିଥିଲେ। ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଗୁରୁକୃପା ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ




ନବରଙ୍ଗପୁର/ ରାଇଘର, ୨୨।୧ (ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ସ୍ଥିତ ତପନ କଲ୍ୟାଣ ମଣ୍ଡପ ଠାରେ ଗୁରୁକୃପା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଆଡମ୍ବର ସହକାରେ ପାଳନ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପରୀକ୍ଷିତ ସାହୁ ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ମନୋଜ କୁମାର ପାଢ଼ୀ, ସଚିନ କୁମାର ଦାସ, ଶାନ୍ତିଲତା ମହାନ୍ତି, ଚନ୍ଦନା ମଲ୍ଲିକ, ସ୍କୁଲର ଅଧ୍ୟକ୍ଷା ବିଜ୍ଞାନୀ ମହାରଣା, ସିପ୍ରା ସାମଦାର ଗୁରୁକୃପା ଡିଗ୍ରୀ କଲେଜର ଅଧ୍ୟକ୍ଷ ଆନନ୍ଦ ନାୟକ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ର ଛାତ୍ରୀଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ଏଟିଏମ୍ ଗଲା କୁଆଡେ ?

ପୋଡ଼ାଗଡ଼,୨୨।୧(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ମହକୁମାରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଏକ ଏଟିଏମ ଥିଲା। କିନ୍ତୁ ତାହା ରାତିରେ ଉଠାଇ ନିଆଯାଇଛି। ପୂର୍ବରୁ ରହିଥିବା ସ୍ଥାନର ଫଳକ ଗାଏବ। ସଟରରେ ଝୁଲୁଛି ବଡ଼ ବଡ଼ ତାଲା। ଭାରତୀୟ ଷ୍ଟେଟ ବ୍ୟାଙ୍କ ଦଶମନ୍ତପୁର ଶାଖାରେ ହଜାର ହଜାର ଏଟିଏମ ଧାରୀ ରହିଥିବା ବେଳେ ବ୍ଲକରେ କେବଳ ଗୋଟିଏ ମାତ୍ର ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଟିଏମ ରହିଥିଲା। ଏଟିଏମ୍ ସମ୍ପୂର୍ଣ୍ଣ ବନ୍ଦ ହେବାରୁ ଲୋକେ ବାଧ ହୋଇ କୋରାପୁଟ, କାକରିଗୁମ୍ମା, ଟିକିରି ଆଦି ଅଞ୍ଚଳକୁ ଯାଇ ଟଙ୍କା ଉଠାଇ ଆଣୁଥିବା ଜଣାପଡିଛି। ଅତି ଜରୁରୀ ସମୟରେ ନଗଦ ଟଙ୍କାର ଆବଶ୍ୟକ ହେଲେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି।

## ଆସୁନାହାନ୍ତି ଶିକ୍ଷକ, ବଣ୍ଡାଘାଟି ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

# ପିଲାଙ୍କୁ ପାଠ ପଢ଼ାଉଛନ୍ତି ଗାଁ ଯୁବକ

ଖଇରପୁଟ, ୨୨।୧(ସମିସ): ମାଲକାନଗିରି ଜିଲ୍ଲାର ପଛୁଆ ଓ ଦୁର୍ଗମ ବଣ୍ଡାଘାଟି ଅଞ୍ଚଳରେ ଆଜି ବି ଶିକ୍ଷା ଅଧିକାର କେବଳ କାଗଜରେ ସୀମିତ ରହିଛି। ସରକାରୀ ରେକର୍ଡରେ ସ୍କୁଲ ଥିଲେ ବି ବାସ୍ତବତା କିଛି ଭିନ୍ନ। ସ୍କୁଲ ଅଛି, କିନ୍ତୁ ସ୍କୁଲ ଘର ନାହିଁ। ଶିକ୍ଷକ ନିଯୁକ୍ତ ହୋଇଥିଲେ ବି ନିୟମିତ ଭାବେ ସ୍କୁଲକୁ ଆସୁନାହାନ୍ତି। ବଣ୍ଡାଘାଟିର ପାହାଡ଼ ଘେରା ଦୁର୍ଗମ ଅଞ୍ଚଳର ଖାଲଗୁଡା ଗାଁରେ ୮୫ଟି ଘର ରହିଛି ଓ ଶତାଧିକ ଲୋକ ଏଠାରେ ବସବାସ କରୁଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟଜନକ କଥା ହେଲା, ଏହି ଗାଁରେ ଏପର୍ଯ୍ୟନ୍ତ ଗୋଟିଏ ପକ୍କା ସ୍କୁଲ ଘର କିମ୍ବା ଅଙ୍ଗନବାଡି ଘର ନାହିଁ। କଚ୍ଚା, ଭଙ୍ଗା ଓ ଦଦରା ଘରେ ଚାଲୁଛି ସ୍କୁଲ। ସ୍କୁଲରେ ବେଞ୍ଚ ନାହିଁ, ଡେସ୍କ ନାହିଁ। ମୌଳିକ ସୁବିଧା ମଧ୍ୟ ଉପଲବ୍ଧ ନୁହେଁ। ପିଲାମାନେ ମାଟିରେ ବସି ପାଠ ପଢୁଛନ୍ତି। ସରକାରୀ ଶିକ୍ଷକ ନିଯୁକ୍ତ ହୋଇଥିଲେ ବି ସେମାନେ ନିୟମିତ ଭାବେ ସ୍କୁଲକୁ ଆସୁନଥିବାରୁ ଗାଁ ଲୋକେ ବାଧ ହୋଇ ନିଜେ ଚାନ୍ଦା ଆଦାୟ କରିଛନ୍ତି। ସେହି ଟଙ୍କାରେ ଗାଁର ଜଣେ ଶିକ୍ଷିତ ଯୁବକଙ୍କୁ ନିଯୁକ୍ତ କରି ୬୦ ଜଣ ପିଲାଙ୍କୁ ନିଜ ଗାଁରେ ହିଁ ପାଠ ପଢ଼ାଯାଉଛି। ଗ୍ରାମବାସୀମାନଙ୍କ କହିବା ଅନୁଯାୟୀ, ଏହି ଅବସ୍ଥା କେବଳ ଖାଲଗୁଡା ଗାଁର ନୁହେଁ, ସମଗ୍ର ବଣ୍ଡାଘାଟି ଅଞ୍ଚଳର ଶିକ୍ଷା ବ୍ୟବସ୍ଥାର ବାସ୍ତବ ଚିତ୍ର। ଦୁର୍ଗମ ପଥ ଓ ନାଳ ପାରି ଏହି ଗାଁକୁ ପହଞ୍ଚିବାକୁ ପଡ଼େ। ଶିକ୍ଷାର ଅଭାବ ଏଠାରେ ସବୁଠାରୁ ବଡ଼ ସମସ୍ୟା ହୋଇ ରହିଛି। ସରକାରୀ ଯୋଜନା ଥିଲେ ବି ସେଗୁଡ଼ିକ ଏଠାରେ କାର୍ଯ୍ୟକାରୀ ହୋଇପାରୁନାହିଁ। ଏହାକୁ ନେଇ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି, ୮୫ ଘର ଥିବା ଗାଁରେ ଏପର୍ଯ୍ୟନ୍ତ ସ୍କୁଲ ଘର କାହିଁକି ନାହିଁ। ଶିକ୍ଷକ ନିଯୁକ୍ତ ହୋଇଥିଲେ ବି ସେମାନେ ନିୟମିତ ଭାବେ କାହିଁକି ସ୍କୁଲକୁ ଆସୁନାହାନ୍ତି ଏବଂ ଏହାର ଦାୟିତ୍ୱ କିଏ ନେଉଛି। ତଥାପି, ସବୁଠାରୁ ପ୍ରେରଣାଦାୟକ କଥା ହେଲା ଏହି ପଛୁଆ ଅଞ୍ଚଳରେ ଗ୍ରାମବାସୀ ଓ ଜନଜାତିମାନଙ୍କ ମନରେ ଶିକ୍ଷା ପ୍ରତି ଗଭୀର ଆଗ୍ରହ ଦେଖାଯାଉଛି। ନିଜେ ଚାନ୍ଦା ଆଦାୟ କରି ନିଜ ପିଲାମାନଙ୍କୁ ପାଠ ପଢ଼ାଇବାରେ ସେମାନେ ଯେଉଁ ଉଦ୍ୟମ କରୁଛନ୍ତି, ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ। ଏବେ ଦେଖିବାକୁ ବାକି ରହିଲା ଖାଲଗୁଡା ଗାଁରେ ଏକ ପକ୍କା ସ୍କୁଲ ଘର ନିର୍ମାଣ କେବେ ହେବ ଓ ଏହି ସ୍କୁଲକୁ ନିୟମିତ ଶିକ୍ଷକ କେବେ ଆସିବେ। ଏହି ବିଷୟରେ ଖଇରପୁଟ ବ୍ଲକ ଶିକ୍ଷାଧିକାରୀ ଦିଲୀପ କୁମାର ଗଣ୍ଡଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରିବେ ବୋଲି କହିଛନ୍ତି।



● କାର୍ଯ୍ୟାଦେଶ ବଣ୍ଟନରେ ରାଜନୀତି

# ରାୟଗଡ଼ା ବିଡିଓଙ୍କୁ ଘେରିଲେ ବ୍ଲକ୍ ଅଧ୍ୟକ୍ଷା, ଉପାଧ୍ୟକ୍ଷ



ରାୟଗଡ଼ା, ୨୨।୧(ସମିସ): ରାୟଗଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ସୁଜିତ୍ କୁମାର ମିଶ୍ରଙ୍କୁ ଆଜି ନିର୍ବାଚିତ ପ୍ରତିନିଧମାନେ ଘେରିଛନ୍ତି। ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା ଓ ଉପାଧ୍ୟକ୍ଷ ହରପ୍ରସାଦ ହେପୃକାଙ୍କ ନେତୃତ୍ୱରେ ଅନେକ ସମିତି ସଭ୍ୟ ଓ ସରପଞ୍ଚ ବିଡିଓଙ୍କୁ ଭେଟି କାର୍ଯାଦେଶ ବଣ୍ଟନରେ ରାଜନୀତି ହେଉଥିବା ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଗ୍ରାମାଞ୍ଚଳରେ ବିକାଶମୂଳକ କାର୍ଯ୍ୟ ହେଉନଥିବା ବେଳେ ଶାସକ ଦଳର ନେତାଙ୍କୁ ହାତବାରିଶି କରି କାର୍ଯ୍ୟାଦେଶ ବଣ୍ଟାନ କରାଯାଉଥିବା ଅଭିଯୋଗ ବିଡିଓଙ୍କ ବିରୋଧରେ ଅଣାଯାଇଛି। ୨୦ ଜଣ ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ ପ୍ରାୟ ଦୁଇ ଘଣ୍ଟାଧରି ବିଡିଓକୁ ଘେରଉ କରିଥିଲେ। ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ରାୟଗଡ଼ା ବ୍ଲକକୁ ପ୍ରାୟ ୫୦ ଲକ୍ଷ ଟଙ୍କାର ଅନୁଦାନ ଆସିଥିବା ବେଳେ ସବୁ ଅନୁଦାନକୁ ବ୍ଲକ ଅଧ୍ୟକ୍ଷା କିମ୍ବା ନିର୍ବାଚିତ ପ୍ରତିନିଧିଙ୍କ ବିନା ପରାମର୍ଶରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ଅଭିଯୋଗ ହୋଇଛି। ବିଜେପି ନେତା ମାନଙ୍କୁ ସୁହାଇଲା ପରି କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯାଇଥିବା ବେଳେ ସ୍ଥାନୀୟ ଜନ ପ୍ରତିନିଧି ମାନଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଦୀର୍ଘ ଘଣ୍ଟା ନିର୍ବାଚିତ ପ୍ରତିନିଧିଙ୍କ ପ୍ରଶ୍ନବାଣର ଶିକାର ହୋଇ ବିଡିଓ ସୁଜିତ୍ କୁମାର ମିଶ୍ର କାର୍ଯ୍ୟାଳୟରୁ ଚାଲି ଯାଇଥିଲେ। ତେବେ ଗ୍ରାମାଞ୍ଚଳର ଉନ୍ନୟନ ପାଇଁ ପ୍ରସ୍ତୁତ ହୋଇଥିବା କାର୍ଯ୍ୟ ଖସଡା ତୁରନ୍ତ ପରିବର୍ତ୍ତନ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ନିର୍ବାଚିତ ପ୍ରତିନିଧି ମାନେ ପ୍ରକାଶ କରିଛନ୍ତି। ଅନ୍ୟପଟେ ଘଟଣାର ଅନୁଧ୍ୟାନ କରାଯିବ ବୋଲି ରାୟଗଡା ବିଡିଓ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ଏହାକୁ ନେଇ ରାୟଗଡ଼ା ରାଜନୀତିରେ ନୂଆ ବିବାଦର ସୂତ୍ରପାତ ହୋଇଛି।

# ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରତିଯୋଗିତା

ଡାବୁଗାଁ, ୨୨।୧(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ସଦରମହକୁମା ସରକାରୀ (ନୂତନ) ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୦ମିଟର ଦୌଡ, ଲମ୍ବ ଡିଆଁ, ଦୌଡି ଡିଆଁ, କୁଇଜ୍, ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ ଓ ପ୍ରବନ୍ଧ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ଗିରିଶବାଳା ଜେନା, ଅନିତା ବେହେରା, ସୁଜ୍ଞାନୀ ବେହେରା, ଇତିଶ୍ରୀ ବର୍ଷାରାଣୀ ରାଉତ, ମଧୁସ୍ମିତା ନାୟକ, ଆରତୀ ପ୍ରଧାନ, ଖେଳ ଶିକ୍ଷକ ହେମନ୍ତ କୁମାର ସାମଲ ଓ ପୁରୋହିତ ବାଗ, ଅଧ୍ୟାପକ ନବୀନ କୁମାର ନାଗେଶ, ଶିକ୍ଷକ ବିକାଶ ରଞ୍ଜନ ନିଶଙ୍କ, ବଲ୍ଲଭ ନାରାୟଣ ପଣ୍ଡା, ଅମୂଲ୍ୟ ବାରିକ, ଅଜିତ କୁମାର ଷଡଙ୍ଗୀ, ପ୍ରଫୁଲ୍ଲ ମେହେରା, ଶେଖର ଚନ୍ଦ୍ର ସାହୁ, କୁଲେଶ୍ୱର ମାଝି ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ପ୍ରତିଯୋଗୀତା ପରିଚାଳନା କରିଥିଲେ। ଏଥିରେ କୃତକାର୍ଯ୍ୟ ଛାତ୍ରୀଛାତ୍ର ମାନଙ୍କୁ ସାଧାରଣତନ୍ତ୍ର ଦିବସ ଦିନ ପୁରସ୍କୃତ କରାଯିବ।

# ଦୋକାନରେ ବିକ୍ରି ହେଉଛି ମଧ୍ୟାହ୍ନଭୋଜନ ଅଣ୍ଡା!

ପଟ୍ଟାଙ୍ଗି,୨୨।୧(ସମିସ):

କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ପଟ୍ଟାଙ୍ଗି ନିକଟ ପଡାଲଗୁଡା ଗ୍ରାମ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟର ତିନି ଜଣ ଛାତ୍ରୀଙ୍କ ଦ୍ୱାରା ଅଣ୍ଡା ଟ୍ରେ ଗୁଡ଼ିକୁ ବୁହାଇ ଦୋକାନକୁ ନେବା ବେଳେ ଗ୍ରାମବାସୀ ତାଙ୍କୁ ତାଗିତ କରିଥିବା ଭିଡିଓ ଭାଇରାଲ୍ ହୋଇଛି। ସୂଚନା ଅନୁଯାୟୀ ପଟ୍ଟାଙ୍ଗିର କିଛି ସୋସିଆଲ ମିଡିଆରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ୩ ଜଣ ଛାତ୍ରୀଙ୍କ ଦ୍ୱାରା ୪ ଟ୍ରେର ଅଣ୍ଡା ଏକ ଦୋକାନରେ ଦେଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଗ୍ରାମବାସୀ ଏହାର ଭିଡିଓ ଉଠାଇବା ସହ ଶିକ୍ଷୟିତ୍ରୀଙ୍କୁ ଉକ୍ତ ଅଣ୍ଡାକୁ ଛାତ୍ରଛାତ୍ରୀଙ୍କୁ ନଦେଇ କାହିଁକି ବିକ୍ରି କରୁଛ ବୋଲି ପ୍ରଶ୍ନ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ଦିନ ଅଧାରୁ ଅଧିକ ଅର୍ଥାତ ଦୁଇ ଧାଡି ମଧ୍ୟରୁ ଗୋଟିଏ ଧାଡି ଅଣ୍ଡା ଖାଇଥିଲେ ଏବଂ ଅନ୍ୟ ଧାଡି ପିଲାମାନେ ଅଣ୍ଡା ଖାଇନଥିଲେ। ଅଣ୍ଡା ନଖାଇବା ପିଲାଙ୍କୁ ଅଣ୍ଡା ବଦଳରେ ଅନ୍ୟ କିଛି ଫଳ କିମ୍ବା ବିକଳ୍ପ ବ୍ୟବସ୍ଥା କରାଯାଇନଥିଲା। ପିଲାଙ୍କ କହିବା ଅନୁଯାୟୀ ଅଣ୍ଡା ବିଦ୍ୟାଳୟରୁ ଦୋକାନକୁ ନେବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ କହିଥିଲେ। ସେହି ସମୟରେ ଗ୍ରାମବାସୀ ଦିଦିଙ୍କୁ ବିଦ୍ୟାଳୟ ଅଣ୍ଡା କାହିଁକି ବିକ୍ରି କରୁଛ ବୋଲି ପଚାରିବାରୁ ସେ ଅଣ୍ଡା ଆଣିନାହିଁ ବୋଲି ସେ ସଫେଇ ଦେଇଥିଲେ। ଦୋକାନୀକୁ ପଚାରିବାରୁ ଅଣ୍ଡା ବାକି ନେଇ ଫେରାଉଥିବା କହିଥିଲେ। କିନ୍ତୁ ଗ୍ରାମର କିଛି ଯୁବକ ଦୋକାନକୁ ଆଣୁଥିବାର ଦୃଶ୍ୟକୁ ମୋବାଇଲରେ ରେକର୍ଡ କରିଥିବା ବେଳେ ଦିଦିଙ୍କ ଏବଂ ଦୋକାନୀ ଦୁହିଁଙ୍କ ଭିନ୍ନ ଭିନ୍ନ ବୟାନକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ତେବେ ପିଲା ଅଣ୍ଡା ନ ଖାଇବା ଏବଂ ବିଦ୍ୟାଳୟରୁ ଦୋକାନ କୁ ଅଣ୍ଡା ଯିବା ପଛରେ ରହସ୍ୟ କଣ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏ ନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

■ ସମୀକ୍ଷା ବୈଠକରେ ବିଗିଡ଼ିଲେ ସାଂସଦ

# ଲୋକଙ୍କ ପାଖକୁ ଯାଇ କାମ କରିବାକୁ ନିର୍ଦ୍ଦେଶ ଦେଲେ

ପାପଡାହାଣ୍ଡି,୨୨।୧ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ସଭାଗୃହ ଠାରେ ନବରଙ୍ଗପୁର ଲୋକସଭା ସାଂସଦ ବଳୋଭଦ୍ର ମାଝୀ ବ୍ଲକ ସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି। ଏହି ଅବସରରେ ପାପଡାହାଣ୍ଡି ବ୍ଲକରେ ସମସ୍ତ ବିଭଗର ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ସାଂସଦ ଶ୍ରୀ ମାଝୀ ଗୋଟି ଗୋଟି କରି ସମସ୍ତ ବିଭାଗ ଅଧିକାରୀ ମାନଙ୍କୁ ବିଗତ ଦିନର ସମୀକ୍ଷା ବୈଠକର ବିବରଣୀ ମାଗିଥିଲେ ଏବଂ ଅଞ୍ଚଳରେ ଲୋକଙ୍କ ପାଇଁ କଣ କାମ କରିଛନ୍ତି ଏବଂ ସରକାରଙ୍କ ଯୋଜନାକୁ କେତେ ସଫଳ କରିଛନ୍ତି, ସେ ବିଷୟରେ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କୌଣସି ବିଭାଗୀୟ ଅଧିକାରୀଙ୍କ ପାଟି ନ ଖୋଲିବାରୁ ସାଂସଦ ଯୋଭ ପ୍ରକାଶ କରି ସମସ୍ତଙ୍କୁ ତାଗିଦ୍ କରିବା ସହ ସମୀକ୍ଷା ବୈଠକକୁ ବାତିଲ କରିଥିଲେ। ଆସନ୍ତା ଫେବୃଆରୀ ୭ ତାରିଖ ମଧ୍ୟରେ ଗୋଟିଏ ମାଷ୍ଟର ପ୍ଲାନ ପ୍ରସ୍ତୁତ କରି ଆଗାମୀ ଦିନରେ ଲୋକଙ୍କ ପାଇଁ କଣ କାମ କରି ସେ ସମ୍ପର୍କରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦେଶ ଦେଇଥିଲେ। ଏହି ଅବସରରେ ଅନୁପସ୍ଥିତ ଥିବା ଯଥା ଆଇଟିଡିଏ ଏବଂ ମତ୍ସ୍ୟ ବିଭାଗକୁ ନାରାଜ ଜାହିର କରିଥିଲେ । ପାପଡାହାଣ୍ଡି ବିଡିଓଙ୍କୁ ଧାର୍ଯ୍ୟ ତାରିଖ ମଧ୍ୟରେ ସମସ୍ତ ରିପୋର୍ଟ ସଂଗ୍ରହ କରି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା ବିଡିଓ କପିଳ ଦେବ ସାହୁ ମଞ୍ଚାସୀନ ଥିଲେ।



# ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ

ଗୁଣୁପୁର,୨୨।୧(ସମିସ): ଗୁଣୁପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳକୁ ମ୍ୟାଲେରିଆ ମୁକ୍ତ କରିବା ଦିଗରେ ପ୍ରୟାସ ଜାରି ରଖିବାକ ବିଧାୟକ କର୍ମଚାରୀ ମାନଙ୍କୁ କହିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମିର ବିକାଶ ସହ ରୋଗୀମାନେ କିଭଳି ଉଚିତ ସେବା ପାଇବେ ତା' ଉପରେ ଆଲୋଚନା ହୋଇଥିଲା। ଦୂରଦୂରାନ୍ତରୁ ଆସୁଥିବା ରୋଗୀ, ତାଙ୍କ ସମ୍ପର୍କୀୟ ମାନେ ଆଶ୍ରୟ ନେବା ପାଇଁ ଏକ ଆଶ୍ରୟ ସ୍ଥଳି ନିର୍ମାଣ, ରୋଗୀ କିଭଳି ଭଲ ଖାଦ୍ୟ ପାଇବେ, ସେଥିନେଇ ଏକ ଖାଦ୍ୟ ପଦାର୍ଥ ଯୋଗାଣ କେନ୍ଦ୍ର ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରିବେ ବୋଲି ବିଧାୟକ ପ୍ରତିଶୃତି ଦେଇଥିଲେ। ବିଭିନ୍ନ ଉନ୍ନୟନମୂଳକ କାମ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ ସୁପାରିଟେଣ୍ଡେଣ୍ଟ ଡକ୍ଟର ଅମରେଶ ଜେନା, ବିପିଏମ୍ ଚକ୍ରଧର ପଟ୍ଟନାୟକ, ମାନବାଧିକାର କମିଶନର ଜିଲ୍ଲା ସଭାପତି ରମାକାନ୍ତ ମାଝୀ, ଗୁଣୁପୁର ନଗର ସଭାପତି ବୁଲୁ ପାଢ଼ୀ, ବରିଷ୍ଠ କଂଗ୍ରେସ ନେତା ନୀଳମାଧବ ସାହୁଙ୍କ ସହ ବହୁ କଂଗ୍ରସ କର୍ମୀ ଉପସ୍ଥିତ ଥିଲେ।



## ରାଜ୍ୟ ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘ ବାର୍ଷିକ ଅଧିବେଶନ ଉଦ୍‌ଯାପିତ

# ସ୍ମାର୍ଟ ମିଟର ଲଗାଇ କର୍ମଚାରୀ ଛଟେଇକୁ ବରଦାସ୍ତ କରାଯିବନି



ରାୟଗଡ଼ା,୨୨।୧(ସମିସ): ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ର ରାଜ୍ୟସ୍ତରୀୟ ୬୩ତମ ବାର୍ଷିକ ଅଧିବେଶନ ୨୦ ଜାନୁୟାରୀ ଠାରୁ ଆରମ୍ଭ କରି ୨୩ ଜାନୁୟାରୀ ପର୍ଯ୍ୟନ୍ତ ରାୟଗଡ଼ା ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ୍ ଠାରେ ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ସଂଘର ବାର୍ଷିକ ଅଧିବେଶନର ତୃତୀୟ ତଥା ଶେଷ ଦିନରେ ନୂତନ କର୍ମକର୍ତ୍ତାଙ୍କ ଦ୍ୱାରା କାର୍ଯ୍ୟକାରୀ ସଭା ଅନୁଷ୍ଠିତ ହୋଇଥିଲା। ଆଜି ମଧ୍ୟାହ୍ନ ସମୟରେ ରାୟଗଡା ଡିଭିଜନରେ ବରିଷ୍ଠ ସଦସ୍ୟ ପ୍ରଫୁଲ କୁମାର ମହାପାତ୍ରଙ୍କୁ ଶ୍ରେଷ୍ଠ ସଂଗଠକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ରାୟଗଡା ଜିଲ୍ଲା ଆଇଏନଟିୟୁସି ସଭାପତି ଭବାନୀ ଶଙ୍କର ଜେନା ନବ ନିର୍ବାଚିତ କେନ୍ଦ୍ରୀୟ କର୍ମକର୍ତ୍ତାଙ୍କୁ ସମ୍ମାନିତ କରିବା ସହିତ ସଭାପତିଙ୍କ ଦ୍ୱାରା ୬୩ ତମ ରାଜ୍ୟ ସ୍ତରୀୟ ବାର୍ଷିକ ଅଧିବେଶନର ଉଦ୍‌ଯାପନ ଉତ୍ସବ ପାଳନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ମହାନ୍ତି, ବି.କେ.ରାଉଳ, ଏସ୍. ମନୋଜ କୁମାର, ଭି. ମନୋଜ କୁମାର, ପ୍ରଫୁଲ ମାହାଳିକ, ଉପେନ୍ଦ୍ର ମହାପାତ୍ର, ପ୍ରଫୁଲ କୁମାର ମହାପାତ୍ର, ରବିନ୍ଦ୍ର କୁମାର ମହାନ୍ତି, ଦିଲୀପ ସାହୁ, ବିପିନ ସେଠୀ ଓ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାୟଗଡା ଜିଲ୍ଲା ସଭାପତି ଭବାନୀ ଶଙ୍କର ଜେନା, ଦୁର୍ଗା ମାଧବ ପଠା, ନିଗମାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସ୍ମାର୍ଟ ମିଟିର ଲଗାଇ କର୍ମଚାରୀ ଛୋଟେଇ ଯୋଜନକୁ ଆଦୌ ବରଦାସ୍ତ କରାଯିବ ନାହିଁ। ଯଦି ଏପରି ହୁଏ ତେବେ ସଂଘ ରାଜରାସ୍ତାରେ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘର ସଭାପତି ପ୍ରଶାନ୍ତ କୁମାର ମହାପାତ୍ର। କାର୍ଯ୍ୟକ୍ରମର ଶେଷ ଦିନରେ ବିଦ୍ୟୁତ ଚୋରି କ୍ଷତିର ନିରାକରଣ, ବିଦ୍ୟୁତ୍ କ୍ଷେତ୍ରରେ ଶ୍ରମିକ ମାନଙ୍କ ନିରାପତ୍ତା ଓ ଠିକା ଶ୍ରମିକଙ୍କ ସ୍ଥାୟୀ ନିଯୁକ୍ତି ସମ୍ପର୍କରେ ଆଲୋଚନା ହୋଇଥିଲା। ସଂଘର ଆଭିମୁଖ୍ୟକୁ ନେଇ ସାମ୍ବାଦିକ ସମ୍ମିଳନୀ ମଧ୍ୟ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ସମ୍ମିଳନୀରେ ସଂଘର ସଭାପତି ପ୍ରଶାନ୍ତ କୁମାର ମହାପାତ୍ର। ବର୍ତ୍ତମାନ ଟାଟା କମ୍ପାନୀ ସ୍ମାର୍ଟ ମିଟର ବସାଇବା ପାଇଁ ଯେଉଁ ଯୋଜନ କରୁଛି ତାହାକୁ ଶ୍ରୀ ମହାପାତ୍ର ବିରୋଧ କରିଛନ୍ତି। ଯଦି ପ୍ରତ୍ୟେକ ଘରେ ସ୍ମାର୍ଟ ମିଟର ବସାଯାଏ ତା ହେଲେ ୧୫ ହଜାର ଶ୍ରମିକ ସେମାନଙ୍କ ଜୀବିକା ହରାଇବେ ବୋଲି ପ୍ରକାଶ କରିଥିଲେ। ସେହିପରି ପୁରୁଣା ପେନସନ ନିୟମ କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ଲାଗୁ କରିବା ସହ ଠିକା କର୍ମଚାରୀ ମାନଙ୍କର ମଜୁରୀ ବର୍ଦ୍ଧିତ ଓ ସମାନ କାମକୁ ସମାନ ଦରମା ପାଇଁ ରାଜ୍ୟ ସରକାରଙ୍କ ଠାରେ ହୋଇଥିବା ଦାବବିକୁ କାର୍ଯ୍ୟକାରୀ କରିବା ପାଇଁ ସଂଘ ତରଫରୁ ପୁନଃ ଦାବି ହୋଇଥିଲା। ୨୦୨୬ ବର୍ଷ ପାଇଁ ନିଯୁକ୍ତି କରାଯାଇଥିବା କର୍ମକର୍ତାଙ୍କୁ ଶପଥ ପାଠ କରାଯାଇଥିଲା।

# ବନ୍ଦେ ମାତରମ୍ ସାମୂହିକ ଗାନ ଓ ପୁରସ୍କାର ବିତରଣ ଉତ୍ସବ

ରାୟଗଡ଼ା,୨୨।୧(ସମିସ):




ରାୟଗଡ଼ା ବ୍ଲକ୍ ତରଫରୁ ଗୁରୁବାର ଦିନ ସ୍ଥାନୀୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ବନ୍ଦେ ମାତରମ୍ ସାମୂହିକ ଗାନ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ରମେଶ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ବିଡିଓ ସୁଜିତ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝୀ , ଜିଲ୍ଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଅତିରିକ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, ଏବିଇଓ ଛବିଲାଲ ସିଂ, ବଳରାମ ହୁଇକା ପ୍ରମୁଖ ଯୋଗଦେଇ ଜାତୀୟତା ବୋଧ, ବନ୍ଦେ ମାତରମ୍‌ର ଏକ ଶହ ପଚାଶ ବାର୍ଷିକୀ ପାଳନର ଉଦ୍ଦେଶ୍ୟ ଓ ଆବଶ୍ୟକତା ସହ ବିଦ୍ୟାଳୟ ଅର୍ଥାତ୍ ଛାତ୍ର, ଛାତ୍ରୀଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ। ବନ୍ଦେ ମାତରମ୍ ସାମୁହିକ ଗାନରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଗତ ଜାତୀୟ ଯୁବ ଦିବସରେ ପ୍ରତି ବିଦ୍ୟାଳୟରୁ ଚିହ୍ନଟ ୨୩୦ ଜଣ ଆତ୍ମ ନିର୍ଭର ଭାରତ ଯୁବ ଆମ୍ବାସାଡରଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ସମ୍ବଳ ବ୍ୟକ୍ତିତ୍ୱ ପ୍ରଭାକର ମିଶ୍ର, ରୀତାରାଣୀ ମିଶ୍ର ଓ ଅର୍ଚ୍ଚନା ଦେବୀ ସିଂ ବନ୍ଦେ ମାତରମ୍‌ର ଇତିହାସ ଓ ଶାବ୍ଦିକ ଅର୍ଥ ଓ ବିଶ୍ଲେଷଣ କରିଥିଲେ। ଶେଷରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ୨୮ ଗ୍ରାମ ପଞ୍ଚାୟତରୁ ପ୍ରାୟ ୭ଶହରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଗ୍ରାମ୍ୟ ଯୁବକ ଯୁବତୀ ଯୋଗ ଦେଇଥିଲେ। ଗତ ଜାନୁୟାରୀ ୧୨ ତାରିଖରେ ବିଦ୍ୟାଳୟ ଓ କଲେଜ ସ୍ତରରେ ରାୟଗଡ ବ୍ଲକ୍ ସ୍ତରରେ ୩୭ ହଜାର ଜଣ ଓ ଜିଲ୍ଲାରେ ଦୁଇ ଲକ୍ଷରୁ ଅଧିକ ବ୍ୟକ୍ତି ବନ୍ଦେ ମାତରମ୍ ସାମୂହିକ ଗାନ କରିଥିବାରୁ ଜିଲ୍ଲା ସଂସ୍କୃତି ଅଧିକାରୀ ସସ୍ମିତା ବାଉରୀ ସାଧୁବାଦ ଅର୍ପଣ କରିଥିଲେ। ଜାତୀୟ ମତଦାତା ଦିବସ ନିମନ୍ତେ ସଂକଳ୍ପ ପାଠ କରାଯାଇଛି।

